## ଭିସା କାରଖାନା ପରିସରରେ ଜାତୀୟ ସୁରକ୍ଷା ସପ୍ତାହ ପାଳିତ



**ଦାନଗଦୀ, ୧୨।୩(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଭିସା କାରଖାନା ପକ୍ଷରୁ କାରଖାନା ପରିସରରେ ୫୩ତମ ଜାତୀୟ ସୁରକ୍ଷା ସପ୍ତାହର ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଯାଜପୁର ରୋଡ ଡିଭିଜନର କାରଖାନା ଓ ବାଷ୍ପିତ ଉପ-ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୂତାର ମୁଖ୍ୟଅତିଥି ଭାବେ ଯୋଗଦେଇ କାରଖାନାରେ ଅନୁଷ୍ଠିତ ସୁରକ୍ଷା ସନ୍ଧ୍ୟା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ କାରଖାନାର ଶ୍ରମିକ ଓ କର୍ମଚାରୀ 'ସେଇ ଗୋଟିଏ ଭୁଲ' ଶୀର୍ଷକ ଏକ ନାଟକ ପରିବେଷଣ କରିଥିଲେ। ଏହି ନାଟକ ମାଧ୍ୟମରେ କାରଖାନାର ସମସ୍ତ ଶ୍ରମିକ ଓ କର୍ମଚାରୀ ସୁରକ୍ଷା ନିୟମ ଅନୁପାଳନ ନ କଲେ କି ପ୍ରକାର ଅସୁବିଧା ହୋଇଥାଏ ତାହା ଦର୍ଶାଯାଇଥିଲା ଓ ସୁରକ୍ଷା ପ୍ରତି ସଚେତନତାର ବାର୍ତ୍ତା ଦିଆଯାଇଥିଲା। କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ସଡକ ସୁରକ୍ଷା, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦେବାପାଇଁ ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ବାର୍ତ୍ତା ଦେଇଥିଲେ।

# ଗଡ଼ିଲା ପାରାଦ୍ୱୀପ-ହରିଦାସପୁର ଯାତ୍ରୀବାହୀ ରେଳ

**ଯାଜପୁର, ୧୨।୩(ସମିସ)**

ପାରାଦ୍ୱୀପ- ହରିଦାସପୁର ଲାଇନରେ ପ୍ରଥମଥର ପାଇଁ ଗଡ଼ିଛି ପାରାଦ୍ୱୀପ-କେନ୍ଦୁଝରଗଡ଼-ପାରାଦ୍ୱୀପ ମେମୁ ପାସେଞ୍ଜର ସ୍ପେଶାଲ୍ ରେଳଗାଡି (୦୮୪୦୬/୦୮୪୦୫)। ନିର୍ଦ୍ଧାରିତ ସମୟ ଠାରୁ ଟିକେ ବିଳମ୍ବରେ ସକାଳ ୭.୦୩ ମିନିଟ୍‌ରେ ରେଳଗାଡିଟି ଯାଜପୁର ଜିଲ୍ଲାର ପଲାଇ ଗ୍ରାମ ଅନ୍ତର୍ଗତ

### ଲଳିତଗିରି ରେଳଷ୍ଟେସନରେ ସ୍ୱାଗତ କଲେ ଅଞ୍ଚଳବାସୀ

ଲଳିତଗିରି ରେଳଷ୍ଟେସନଠାରେ ପହଞ୍ଚିଥିଲା। ଗାଡିର ରେଳଯାତ୍ରୀ, ଅଧିକାରୀ ଏବଂ ଲୋକୋ ପାଇଲଟଙ୍କୁ ସ୍ୱାଗତ କରିବା ପାଇଁ ଲଳିତଗିରି ରେଳଷ୍ଟେସନରେ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହୋଇଥିଲା ସ୍ୱାଗତ କାର୍ଯ୍ୟକ୍ରମ। ଏଥିରେ ସାମିଲ ହୋଇଥିଲେ ପଲାଇ ଗ୍ରାମ ପଞ୍ଚାୟତର ଶତାଧିକ ଲୋକେ। ପ୍ରଥମଥର ଏଇ ରେଳଗାଡିରେ ପଲାଇ ଗାଁର ଯାତ୍ରୀମାନେ କେନ୍ଦୁଝର ଜିଲ୍ଲାର ମା' ତାରିଣୀଙ୍କ ପୀଠକୁ ଯାତ୍ରା କରିବା ପାଇଁ ଟିକଟ୍ କାଟିଥିଲେ।



ସୂଚନାଯୋଗ୍ୟ ଯେ, ଲଳିତଗିରି ରେଳଷ୍ଟେସନର ନାମକରଣ ପରିବର୍ତ୍ତନ କରି ଏହାକୁ ଓଳାଶୁଣୀ-ଲଳିତଗିରି ରୋଡ ଷ୍ଟେସନ କରିବା ପାଇଁ ପୂର୍ବରୁ ଏହି ଅଞ୍ଚଳର ଜନସାଧାରଣ, ଲୋକପ୍ରତିନିଧି, ତତ୍କାଳୀନ ଯାଜପୁର ଜିଲ୍ଲାପାଳ ଏବଂ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଦାବିପତ୍ର ରେଳମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଇତିମଧ୍ୟରେ ଗ୍ରାମବାସୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖରେ ସେହି ଦାବିକୁ ଦୋହରାଇଛନ୍ତି। ନୂତନ ରେଳଗାଡିଟି ଲଳିତଗିରି ଷ୍ଟେସନରେ ପହଞ୍ଚିବା ପରେ ବର୍ଷୀୟାନ ସାଇଆଶ୍ରିତ ତଥା ଶିକ୍ଷାବିତ୍ ସତ୍ୟାନନ୍ଦ ଜେନା ରେଳଗାଡିରେ ଚଢି ଲୋକୋ ପାଇଲଟଙ୍କ ରୁମରେ ଭଗବାନଙ୍କ ରୁଦ୍ରାର୍ପିତ କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା କରାଯାଇଥିବା ଅଭିଷେକ ପୁଷ୍ପମାଳା ପ୍ରଦାନ କରିଥିଲେ। ସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ନାୟକ, ଶ୍ରୀ ସତ୍ୟସାଇ ସେବା ସମିତି, ପଲାଇର ପୂର୍ବତନ ଆବାହକ ପ୍ରଶାନ୍ତ କୁମାର ସାମଲ ଓ ବିକ୍ରମତିରଣ ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଫଟୋଚିତ୍ର ଓ ପବିତ୍ର ବିଭୂତି ପ୍ରସାଦ ସମସ୍ତ ରେଳ ଅଧିକାରୀମାନଙ୍କୁ ପ୍ରଦାନ କରିଥିଲେ। ଯାତ୍ରୀବାହୀ ପ୍ରଥମ ରେଳଗାଡିର ଲୋକୋ ପାଇଲଟ ଏ କେ ବେହେରା ଓ ସହକାରୀ ଲୋକୋ ପାଇଲଟ୍ ତନ୍ମୟ ଦାସଙ୍କୁ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଉପସ୍ଥିତ ଗ୍ରାମବାସୀମାନେ ମଧ୍ୟ ରେଳଗାଡିରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲା ବେଳେ ଅନେକ ଯାତ୍ରୀ ଜୟ ଜଗନ୍ନାଥ ଓ ଜୟ ଶ୍ରୀରାମ ନାରା ଦେଇଥିଲେ।

### କଲର କ୍ଲାଉଡ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

## 'ଅଭିଭାବକ ଓ ଶିକ୍ଷକ ପିଲାଙ୍କ ମନସ୍ତତ୍ତ୍ୱକୁ ବୁଝିବା ଉଚିତ୍'

**ଧର୍ମଶାଳା, ୧୨।୩(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥ କଲର କ୍ଲାଉଡ୍ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଭିଭାବକ ଓ ଶିକ୍ଷକ କେବଳ ପାଠ ଚାପ ଦେଲେ ହେବ ନାହିଁ, ପ୍ରଥମେ ପିଲାଙ୍କ ମନସ୍ତତ୍ତ୍ୱକୁ ବୁଝିବା ଉଚିତ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ଅଧକ୍ଷା ବନ୍ଦିତା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିବା ସହିତ ପ୍ରସାରିତ ହେଉଛି ଜୀବନ, ସଂକୁଚିତ ହେଉଛି ମୃତ୍ୟୁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଡକ୍ଟର ପ୍ରିୟନାଥ ମହାପାତ୍ର ଯୋଗଦେଇ କୋମଳମତି ଶିଶୁଙ୍କୁ ଭଲ ମଣିଷ କରି ଗଢିବାର ଦାୟିତ୍ୱ ଅବିଭାବକ, ଗୁରୁଜୀ ଓ ଗୁରୁମାଙ୍କର ବୋଲି ମତ ପ୍ରକାଶ କରିଥିଲେ।



ସମ୍ମାନିତ ଅତିଥି ଭାବେ ଧର୍ମଶାଳା ମହାବିଦ୍ୟାଳୟ ଅଧକ୍ଷ ଜୟନ୍ତ କୁମାର ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଅଭିଜିତ ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଚଢ଼େଇଧରା, ୧୨।୩(ସମିସ):** ଜେନାପୁର ଥାନା ଅନ୍ତର୍ଗତ ବରଡ଼ା ମୌଜାରେ ଥିବା ମା' ଷ୍ଟୋନ କ୍ରସର ପରିସରରୁ ଜଣେ ଯୁବକର ସନ୍ଦେହ ଜନକ ଭାବେ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ଭଦ୍ରକ ଜିଲ୍ଲା ପିରହାଟ ଥାନା ମଧୁପୁର ଗ୍ରାମର ଭୀମସେନ ବିଶ୍ୱାଳଙ୍କ ପୁଅ ଜଗନ୍ନାଥ ବିଶ୍ୱାଳ (୨୭) ବୋଲି ଜଣା ପଡ଼ିଛି। ଯୁବକ ଜଣକ ଏକ ବିବାହ କାର୍ଯ୍ୟରେ ଯୋଗ ଦେବାକୁ ଯାଇ ଫେରିଥିବା ବେଳେ ୧୨ତାରିଖ ମଧ୍ୟାହ୍ନରେ ମା' କ୍ରସର ପରିସରରେ ରହୁଥିବା ବାସଗୃହରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିବା ପୁଲିସ କହିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇ ଥିବା ଫାଣ୍ଡି ଅଧିକାରୀ ସୌମ୍ୟ ରଞ୍ଜନ ଭୋଳ ପ୍ରକାଶ କରିଛନ୍ତି।

## ଡିଫାକପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; ଭୁବନେଶ୍ୱର ଚାମ୍ପିଅନ୍



**ଧର୍ମଶାଳା, ୧୨। ୩ (ସମିସ) :** ଧର୍ମଶାଳା ଫୁଟବଲ ଆସୋସିଏସନ ଓ ରଞ୍ଜିତ ସ୍ୱାଇଁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବାଣୀପିଠ ପଡ଼ିଆରେ ଚାଲିଥିବା ୨୬ତମ ରାଜ୍ୟସ୍ତରୀୟ ଡିଫା କପ୍ ପୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଆୟୋଜକ ଡିଫାକୁ ୪/୧ ଗୋଲରେ ପରାସ୍ତ କରି ପ୍ରତାପ କ୍ଲବ ଭୁବନେଶ୍ୱର ଚଳିତ ବର୍ଷ ଚାମ୍ପିଅନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ପ୍ରତାପ କ୍ଲବର ବବୁଲ ରାଉତ ଗୋଟିଏ ଗୋଲ କରିଥିଲେ। ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ପ୍ରତାପ କ୍ଲବର ବବୁଲ ଗଣେଶ ସେଠୀ, ପ୍ରକାଶ ନାୟକ ଓ ସନ୍ଦିପ ବେହେରା ଗୋଟିଏ ଲେଖାଏଁ ଗୋଲ କରିଥିବା ବେଳେ ଡିଫାର ସୋନୁ ନାୟକ ଗୋଟିଏ ଗୋଲ ଦେଇଥିଲେ। ଆଜିର ମ୍ୟାଚରେ ଚମ୍ପିଅନ ପ୍ରତାପ କ୍ଲବ ଭୁବନେଶ୍ୱରର ବବୁଲ ରାଉତଙ୍କୁ ମ୍ୟାନଅଫ ଦି ମ୍ୟାଚ, ଗଣେଶ ସେଠୀଙ୍କୁ ମ୍ୟାନ ଅଫ ଦି ସିରିଜ ଓ ଡିଫାର ସୋନି ନାୟକଙ୍କୁ ବେଷ୍ଟ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା। ଆଜିର ଖେଳକୁ ସେକ ମୋକିମ ପରିଚାଳନା କରିଥିବା ବେଳେ ଶୈଳେଶ ପାଣି ଓ ଚିତ ରଞ୍ଜନ ଓଝା ଲାଇନରେ ସହାୟତା କରିଥିଲେ। ଡିଫାର ସଭାପତି ପ୍ରମୋଦ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ମୁଖ୍ୟବକ୍ତା ଭାବେ ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି ଓ ଅତିଥି ଭାବେ ଚହଟ ସରପଞ୍ଚ ସୁମିତ୍ରା ସ୍ୱାଇଁ ଯୋଗଦେଇ ବିଜୟୀ ଟିମ୍‌କୁ ଚାମ୍ପିଅନ ଟ୍ରଫି ଓ ଡିଫା ଟିମକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ କ୍ରୀଡା ସଂଗଠକ ଭରତ ସାହୁଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଡିଫାର ସମ୍ପାଦକ ପ୍ରବୋଧ କୁମାର ପାତ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ସୁଜିତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ସ୍ୱାମୀଙ୍କୁ ସ୍ତ୍ରୀର ଅଶ୍ଳୀଳ ଫଟୋ ପଠାଇ ଜେଲ୍ ଗଲା ଯୁବକ

**ପାଣିକୋଇଲି, ୧୨।୩(ସମିସ):** ଦୀର୍ଘ ସାଢେ ୩ମାସ ପରେ ପାଣିକୋଇଲି ପୁଲିସ ଜଣେ ମହିଳାଙ୍କ ନଗ୍ନ ଫଟୋ ତାଙ୍କ ସ୍ୱାମୀକୁ ପଠାଇବା ଓ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ଜନୈକ ଯୁବକକୁ ଗିରଫ କରି କୋର୍ଟ ଚାଲାଣ ହୋଇଛି।

ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ଜନୈକା ମହିଳାଙ୍କ ଅଭିଯୋଗ ମୁତାବକ ୨ବର୍ଷ ହେବ ତାଙ୍କର ବିବାହ ହୋଇସାରିଛି। ବିବାହ ପୂର୍ବରୁ ଯାଜପୁରରୋଡ ଥାନା ଅନ୍ତର୍ଗତ ପହଂଗା ଗ୍ରାମର ପୀତାମ୍ବର ଦାସଙ୍କ ପୁଅ ଅମିତ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିଲା। ହେଲେ ଗତ ୨୦୨୩ ନଭେମ୍ବର ୨୦ ତାରିଖ ଅମିତ ତାଙ୍କ ସ୍ୱାମୀଙ୍କ ହ୍ୱାଟ୍ସଅପରେ ପୂର୍ବରୁ ସମ୍ପର୍କ ଥିବା ନଗ୍ନ ଫଟୋକୁ ପଠାଇଥିଲା। ଏବଂ ତାର ସ୍ୱାମୀକୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ସାମାଜିକ ଗଣମାଧ୍ୟମରେ ଫଟୋ ଭାଇରାଲ କରିବାକୁ ଧମକ ଦେଇଥିଲା। ଏନେଇ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଫଳରେ ବାଧ୍ୟ ହୋଇ ସେ ପାଣିକୋଇଲି ଥାନାରେ ୨୦୨୩ ଡିସେମ୍ବର ୧୮ରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିଲା। ହେଲେ ଅମିତ ଫେରାର ଥବାରୁ ତାକୁ ଗିରଫ କରିବା ସମ୍ଭବ ହୋଇନଥିଲା। ପୁଲିସ ତଦନ୍ତ କରି ଅମିତକୁ ଠାବ କରିବାରେ ପୁଲିସ ସକ୍ଷମ ହୋଇଥିଲା। ତଦନ୍ତାଧିକାରୀ ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ ଚେନ୍ନାଇର ପାଦୁର ଠାରୁ ତାକୁ ଗିରଫ କରିଥିଲା। ଗିରଫ କରି ଆଣିବା ପରେ ଆଜି ଅଦାଲତ ଚାଲାଣ କରିଛି।

## ଝାଡ଼େଶ୍ୱର ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଦାନଗଦି, ୧୨।୩ (ସମିସ):** ଦାନଗଦି ବ୍ଲକ ଟୋଲକାନୀସ୍ଥ ଝାଡେଶ୍ୱର ସରକାରୀ ହାଇସ୍କୁଲରେ ୧୯୮୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁମନ୍ତ ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ହୋତା, ହରିହର ପାଲ, କାଳନ୍ଦୀ ଚରଣ ପୁହାଣ ଓ ରବିନାରାୟଣ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୁରାତନ ଛାତ୍ରଛାତ୍ରୀ ଏହି ସ୍କୁଲରେ ପାଠପଢ଼ି ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କାର୍ଯ୍ୟ କରୁଥିବା ଜାଣି ଶିକ୍ଷକମାନେ ଆନନ୍ଦ ପ୍ରକାଶ କରିବା ସହିତ ଦେଶର ଗୌରବ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ହେମନ୍ତ ପୃଷ୍ଟି, ବସନ୍ତ ଓଝା, ପ୍ରଦ୍ୟୁମ୍ନ ବାରିକ, ପ୍ରଦୀପ ଚାନ୍ଦ, ପ୍ରସନ୍ନ ପୁହାଣ, ପତିତପାବନ ପଟ୍ଟନାୟକ, ରଜତ ଦତ୍ତ, ସ୍ମିତାରାଣୀ ସା, ଟିକିଲି ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ମୃତିଚାରଣ ସଭା ଓ ଭଜନ ସମାରୋହ



**ସିଂହପୁର, ୧୨।୩(ସମିସ):** ଦୁର୍ଗାଦେବୀପଡ଼ା ଗ୍ରାମର ବିଶିଷ୍ଟ ପ୍ରବଚକ ବିଷ୍ଣୁଚରଣ ଦାଶଙ୍କ ସ୍ମୃତିଚାରଣ ସଭା ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା' ଯଶୋଦା କଳା ପରିଷଦର ଗୁରୁ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କ ପରିଚାଳନାରେ ଅନୁଷ୍ଠିତ ଭଜନ ସମାରୋହରେ ଓଡ଼ିଶାର ସୁନାମଧନ୍ୟ ଗାୟିକା ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାଶ, କୁମାର ଜଗଦୀଶ, କାବେରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଭଜନ ପରିବେଷଣ କରିଥିଲେ। ଶଙ୍ଖାଳୀ ବାବାଙ୍କ ନେତୃତ୍ୱରେ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷାବିତ ବିକ୍ରମ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମଧୁପୁରଗଡ଼ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



**ଚଢ଼େଇଧରା, ୧୨।୩(ସମିସ):** ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତରେ ଥିବା ମଧୁପୁରଗଡ଼ ଉଚ୍ଚ ବିଦ୍ୟାଳୟ ୧୯୯୨ ବ୍ୟାଚର ସହପାଠୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମ ଗଡ଼ମଧୁପୁର ଗାଁ ନିକଟରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଏକବର୍ଷ ବ୍ୟବଧାନରେ ପୁଣି ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ପରସ୍ପର ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ଏଥିରେ ବିନୟ ରଞ୍ଜନ ଜେନାମଣି, ପ୍ରିୟଦର୍ଶିନୀ ଧୀର, ସୁବ୍ରତ କୁମାର ମଳିକ, ମାନସ କୁମାର ସାହୁ, ପ୍ରହଲ୍ଲାଦ ଲେଙ୍କା, ମାନସ ରଞ୍ଜନ ବିଶ୍ୱାଳ, ଦେବରଞ୍ଜନ ଦାସ, ଶ୍ରୀଧର ସେଠୀ, ପ୍ରଶାନ୍ତ ବିଶ୍ୱାଳ, ଭାଗ୍ୟଧର ସେଠୀ, ଅଶୋକ ମୁଖି, ଉପେନ୍ଦ୍ର ଗୋଚ୍ଛାୟତ, ଅବନ୍ତୀ ଧୀର, ସସ୍ମିତା ଧୀର, ସବିତା ଦାସ, ଇରାନି ବାରିକ, ରଞ୍ଜିତା ଧୀର, ସଂଯୁକ୍ତା ମିଶ୍ର, ଖୁଲଣା ସାହୁ, ସଂକୁନ୍ତଳା ମିଶ୍ର, କୁନ୍ତଳା ରଣା, ବୁଲି ଧଳ, ସଞ୍ଜିତା ଘଡ଼ାଇ ପ୍ରମୁଖ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଆରୋହୀ ଆହତ

**ପାଣିକୋଇଲି, ୧୨।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଆଙ୍କୁଲା ରାସ୍ତାରେ ଏକ ଦ୍ରୁତଗାମୀ ବାଇକ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିବା ଫଳରେ ଆରୋହୀ ଆହତ ହୋଇଛନ୍ତି। ପ୍ରକାଶଯେ ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ଦେଉଳୀ ଗ୍ରାମର ବିନୋଦ ବିହାରୀ ସାହୁଙ୍କ ପୁଅ କାଳନ୍ଦୀ ଏକ ବାଇକ (ଓଡ଼ି୦୪ଟି୧୩୫୩) ରେ ଯାଜପୁରରୁ ପାଣିକୋଇଲି ଆଡ଼କୁ ଦ୍ରୁତଗତିରେ ଆସୁଥିବା ବେଳେ ନମିଟିକିରୀ ନିକଟରେ ଥିବା ବୁଲାଣୀରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ବାଇକ ସହ ଖସିପଡ଼ି ଥିଲେ। ଫଳରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ବ୍ୟକ୍ତିଙ୍କ ଠାରୁ ଖବର ପାଇ ପାଣିକୋଇଲି ପୁଲିସ ଓ ରାଜପଥ ପେଟ୍ରୋଲିଂ ପୁଲିସ ତାଙ୍କୁ ଉଦ୍ଧାର କରି ପାଣିକୋଇଲିସ୍ଥିତ ଏକ ବେସରକାରୀ ନର୍ସିଂହୋମରେ ଚିକିତ୍ସା କରାଇଛନ୍ତି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱ. ପ୍ରଦୀପ କୁମାର ପଣ୍ଡା
କେଦାରଗୌରୀ ବିହାର, ପୁରୁଣା ଭୁବନେଶ୍ୱର

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। କାଲି ପରି ଲାଗୁଛି। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆଦର୍ଶ ଚିର ସ୍ମରଣୀୟ। ଆଜି ଏହି ପ୍ରଥମ ଶ୍ରାଦ୍ଧ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଇଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ଭାଇ: ଦିଲୀପ, ସନ୍ଦୀପ, ଭଉଣୀ: ଅଞ୍ଜଳୀ, ମିନାକ୍ଷୀ, ଅନୀତା, ଅମୀତା, ଭିଣୋଇ: ହର ନାରାୟଣ, ସୀତାକାନ୍ତ, ପ୍ରସନ୍ନ, ଭାତୁବଧୂ: ଚନ୍ଦ୍ରିକା, ପୁତୁରା: ରିଷି, ଭାଣିଜୀ: ମାମୁନ୍, ଭାଣିଜୀ ଜ୍ୱାଇଁ: ନିଖିଲ୍, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

### ମନ୍ମଥ ଧଳ ସ୍ମାରକୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ମହିଳାରେ ଇଷ୍ଟକୋଷ୍ଟ ରେଲୱେ ଓ ପୁରୁଷରେ ଏଲ୍‌ପିଏନ୍ କ୍ଲବ୍ ଚାମ୍ପିଅନ୍

**କର୍ଯାଁଗୋଲା, ୧୨।୩(ସମିସ)**

ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟାଠାରେ ଚାଲିଥିବା ମନ୍ମଥ ଧଳ ସ୍ମାରକୀ ଆନ୍ତଃରାଜ୍ୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବିରିପଟା ଆଞ୍ଚଳିକ ଭଲିବଲ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ମହିଳା ଓ ପୁରୁଷ ଦଳ ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଲକ୍ଷ୍ମୀନାରାୟଣ କ୍ରୀଡ଼ା ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା। ଏ ଅବସରରେ ମନ୍ମଥ ଧଳ ଡିଗ୍ରୀ କଲେଜର ଅଧକ୍ଷ ପ୍ରଫେସର ସୁବାସ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱ କରିଥିବାବେଳେ ଓଡ଼ିଶା ରାଜ୍ୟ ଭଲିବଲ୍ ଆସୋସିଏସନର ଉପସଭାପତି ବିଜୟ କୁମାର ଧଳଙ୍କ ଆବାହନ କ୍ରମେ ମୁଖ୍ୟଅତିଥି ଭାବେ ସୁଲେଖକ ଓ ସମାଜସେବୀ ପ୍ରଫୁଲ୍ଲ ଚନ୍ଦ୍ର ନାୟକ ଯୋଗଦାନ କରିଥିଲେ। ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟା ନୀନାରାଣୀ ସାମଲ, ସରପଞ୍ଚ ଶ୍ରୀମତୀ ଗାୟତ୍ରୀ ନାୟକ, ସମାଜସେବୀ ରମେଶ ଚନ୍ଦ୍ର ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ରମେଶ ଚନ୍ଦ୍ର ସାମଲ, ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ସାମଲ ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ଅକ୍ଷୟ କୁମାର ରାଉତ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଦାସ ଓ ଚିତ୍ତରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଉଦଘାଟନୀ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ ଓ କିଟ୍ ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହିଳା ଦଳ ମଧ୍ୟରେ ଇଷ୍ଟକୋଷ୍ଟ ରେଲୱେ ଚାମ୍ପିଅନ୍ ହୋଇଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଦଳ ରନର୍ସ ହୋଇଥିଲା। ସେହିପରି ପୁରୁଷ ଦଳ ମଧ୍ୟରେ ଏଲ୍‌ପିଏନ୍ କ୍ଲବ୍ ଦିଲ୍ଲୀ ଚାମ୍ପିଅନ୍ ହୋଇଥିବାବେଳେ କିଟ୍ ଭଲିବଲ୍ ଏକାଡ଼େମୀ ରନର୍ସଅପ ହୋଇଥିଲା। ଅତିଥିଙ୍କ ଦ୍ୱାରା ଉଭୟ ବିଭାଗର ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମଙ୍ଗଳପୁର ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କ ସହ ମଙ୍ଗଳପୁର ପୁଲିସ ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ।



● ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ

## ହୃଦ୍‌ରୋଗ ଓ ସ୍ନାୟୁ ବର୍ହିବିଭାଗ ସେବା ଦିବସ ପରିବର୍ତ୍ତନ

**ଯାଜପୁର,୧୨।୩(ସମିସ):** ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ, ଯାଜପୁରରେ ହୃଦ୍‌ରୋଗ ଓ ସ୍ନାୟୁ ବର୍ହିବିଭାଗ ସେବା ଦିବସ ପରିବର୍ତ୍ତନ କରାଯାଇଛି। ଏହି କ୍ରମରେ ହୃଦରୋଗ ବର୍ହିବିଭାଗ ସେବା ସପ୍ତାହର ମଙ୍ଗଳବାର ଏବଂ ଶୁକ୍ରବାରରେ ଯୋଗାଇ ଦିଆଯିବା ବେଳେ ସ୍ନାୟୁ ବର୍ହିବିଭାଗ ସେବା ସପ୍ତାହର ସୋମବାର ଏବଂ ଗୁରୁବାର ଦିବସରେ ରୋଗୀ ମାନଙ୍କୁ ଯୋଗାଇ ଦିଆଯିବ। ପ୍ରକାଶ ଥାଉ କି, ପୂର୍ବରୁ ହୃଦ୍‌ରୋଗ ବର୍ହିବିଭାଗ ଓ ସ୍ନାୟୁ ବର୍ହିବିଭାଗ ସପ୍ତାହରେ ଗୋଟିଏ ଦିବସ କେବଳ ସୋମବାର ହେଉଥିଲା। କିନ୍ତୁ ଏବେ ହୃଦ୍‌ରୋଗ ବର୍ହିବିଭାଗ ଓ ସ୍ନାୟୁ ବର୍ହିବିଭାଗ ସେବା ସପ୍ତାହରେ ଦୁଇଦିନ ଲେଖାଏଁ ଯଥାକ୍ରମେ ମଙ୍ଗଳବାର, ଶୁକ୍ରବାର ଏବଂ ସୋମବାର, ଗୁରୁବାର ଯୋଗାଇ ଦିଆଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣା ପ୍ରକାଶ କରିଛନ୍ତି।

## ମିଶନ ଶକ୍ତି ଗୃହ ଉଦ୍‌ଘାଟନ କଲେ ବିଧାୟିକା



**ବରୀ,୧୨।୩(ସମିସ) :** ମଙ୍ଗଳବାର ଦିନ ବରୀ ବ୍ଲକ ଅନ୍ତର୍ଗତ ଅଟିରା ପଞ୍ଚାୟତରେ ନବ ନିର୍ମିତ ମିଶନ ଶକ୍ତି ଗୃହକୁ ଫିତା କାଟି ବରୀ ବିଧାୟିକା ସୁନନ୍ଦା ଦାସ ଗୃହ ପ୍ରବେଶ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ବ୍ଲକ ମହିଳା ସଭାନେତ୍ରୀ ବୈଜୟନ୍ତି ମିଶ୍ର, ସରପଞ୍ଚ କୈଳାସ ମଲିକ, ସମିତି ସଭ୍ୟ ପ୍ରୀତି ରନ ଜେନା, ସମାଜସେବୀ ଅରବିନ୍ଦ ମହାନ୍ତି, ଏମବିକେ ପୂର୍ଣ୍ଣିମା ପ୍ରଧାନ,ପଞ୍ଚାୟତ ସଭାନେତ୍ରୀ ହେମବତୀ ମଲିକ, ପଞ୍ଚାୟତ ସମ୍ପାଦିକା ଲୋପାମୁଦ୍ରା ସାହୁ, ଶେଷଦେବ ମହାନ୍ତି, ସ୍ୱୟଂ ସହାୟିକା ଗୋଷ୍ଠୀର ମା'ମାନଙ୍କ ସମେତ ପଞ୍ଚାୟତର ଶତାଧିକ ମହିଳା ଓ ଛାମୁଆ କର୍ମୀ ଉପସ୍ଥିତ ଥିଲେ।

## ଆଦର୍ଶ ଶିକ୍ଷକ ନିରଞ୍ଜନ ସାହାଣୀଙ୍କ ପରଲୋକ

**ବରୀ,୧୨।୩(ସମିସ):** ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବିଶିଷ୍ଟ ବିଜ୍ଞାନଶିକ୍ଷକ, ସାମାଜିକ କର୍ମୀ ଓ ସଂଗଠକ ନିରଞ୍ଜନ ସାହାଣୀ (୭୮)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ସାହାଣୀ ଗୋଳକୁଣ୍ଡ ପଦ୍ମନାଭ ହାଇସ୍କୁଲରେ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଜ୍ଞାନ ଶିକ୍ଷକ ଭାବେ ଚାକିରି ଆରମ୍ଭ କରି ଶେଷରେ ପ୍ରଧାନଶିକ୍ଷକ ଦାୟିତ୍ୱ ଦକ୍ଷତାର ସହ ତୁଲାଇ ୨୦୦୬ରେ ଅବସର ଗ୍ରହଣ କରିଥିଲେ। ସେ ବିଜ୍ଞାନ ଶିକ୍ଷକ ଭାବେ ଆଖପାଖ ପଞ୍ଚାୟତର ଅଭିଭାବକ ଓ ଛାତ୍ରୀଛାତ୍ର ମାନଙ୍କ ନିକଟରେ ଅତିପ୍ରିୟ ହୋଇପାରିଥିଲେ। ତାଙ୍କ ବିୟୋଗରେ ଗୋଳକୁଣ୍ଡ, ବାଲିଆ, ବ୍ରହ୍ମବରଦା, ଏରବାଙ୍କ ଓ ସାହସପୁର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗ ପ୍ରଫେସର ଡ. ନାରାୟଣ ବାରିକ୍, ଭୁବନେଶ୍ୱରସ୍ଥିତ ଆନ୍ତର୍ଜାତିକ ଅନୁଷ୍ଠାନ 'ଆଲଟ୍' ର ସାଧାରଣ ସମ୍ପାଦିକା ଡ. କୁଞ୍ଜଲତା ଦାସ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଜିଲ୍ଲାସ୍ତରରେ ପୁଲିସ ଅଧିକାରୀଙ୍କ ଅଦଳ ବଦଳ

**ପାଣିକୋଇଲି,୧୨।୩(ସମିସ):** ଯାଜପୁର ଜିଲ୍ଲା ପୁଲିସ ବିଭାଗରେ କାର୍ଯ୍ୟରତ ୫ ଜଣ ଇନ୍ସପେକ୍ଟର,୫ ଜଣ ସବଇନ୍ସପେକ୍ଟର ଓ ୯ ଜଣ ଅତିରିକ୍ତ ସବ ଇନ୍ସପେକ୍ଟରଙ୍କର ଜିଲ୍ଲା ଭିତରେ ଅଦଳ ବଦଳ ହୋଇଛି। ବିଭାଗୀୟ ପତ୍ର ସଂଖ୍ୟା ୩୮୩ ଅନୁଯାୟୀ ଇନିସପେକ୍ଟର ଶ୍ରୀକାନ୍ତ ବାରିକଙ୍କୁ କୁଆଖିଆ ଥାନାରୁ ପୁଲିସ ମୁଖ୍ୟାଳୟ, ଅନିରୁଦ୍ଧ ନାୟକଙ୍କୁ ବ୍ରହ୍ମବରଦା ଥାନାରୁ କୁଆଖିଆ ଥାନା, ଦେବାଶିଷ ଶତପଥିଙ୍କୁ ମୁଖ୍ୟାଳୟରୁ ବ୍ରହ୍ମବରଦା ଥାନା, ଅଜିତ କୁମାର ସ୍ୱାଇଁଙ୍କୁ ମୁଖ୍ୟାଳୟରୁ ଅପରାଧ ଶାଖା, ମଧୁସ୍ମିତା ବେହେରାଙ୍କୁ ମୁଖ୍ୟାଳୟରୁ ଏଚଆରପିସି ବଦଳି କରାଯାଇଥିବା ବେଳେ ସବଇନ୍ସପେକ୍ଟର ସୁରେନ୍ଦ୍ର କୁମାର ଜେନାଙ୍କୁ ଟମକା ଥାନାରୁ ମୁଖ୍ୟାଳୟ, ଦିଲ୍ଲିପ କୁମାର କାଣ୍ଡିଙ୍କୁ ସୁକିନ୍ଦା ଥାନାରୁ କଳିଙ୍ଗନଗର ଥାନା, ସୁଦାମ ଚରଣ ନନ୍ଦୀଙ୍କୁ କାଳିଆପାଣି ଥାନାରୁ ସୁକିନ୍ଦା ଥାନା,ଚିତରଂଜନ ଜେନାଙ୍କୁ ମୁଖ୍ୟାଳୟରୁ ଏଚଆରପିସି, ଅମୂଲ୍ୟ କୁମାର ମିଶ୍ରଙ୍କୁ ମୁଖ୍ୟାଳୟରୁ ଅପରାଧ ଶାଖା ସେହିପରି ଅତିରିକ୍ତ ସବଇନ୍ସପେକ୍ଟର ଅଚ୍ୟୁତାନନ୍ଦ ଦାସଙ୍କୁ ମୁଖ୍ୟାଳୟରୁ କ୍ରାଇମ ବିଭାଗ, ପ୍ରକାଶ କୁମାର ସିଂଙ୍କୁ ବ୍ରହ୍ମବରଦା ଥାନରୁ କ୍ରାଇମ ବିଭାଗ, କଳ୍ପନା ନାୟକଙ୍କୁ ସୁକିନ୍ଦା ଥାନାରୁ ବଡ଼ଚଣା ଥାନା, ଗୋପାଳକଷ୍ଟ ଦାଶଙ୍କୁ ମୁଖ୍ୟାଳୟରୁ ସୁକିନ୍ଦା ଥାନା, କୁଳମଣୀ ବିଶିଙ୍କୁ ମୁଖ୍ୟାଳୟରୁ ଟମକା ଥାନା, ଚନ୍ଦ୍ରଶେଖର ମୁଣ୍ଡାଙ୍କୁ ଟମକା ଥାନାରୁ ବ୍ରହ୍ମବରଦା ଥାନା, ତ୍ରିଲୋଚନ ସାହୁଙ୍କୁ କାଳିଆପାଣି ଥାନାରୁ କୋରାଇ ଥାନା, ପ୍ରଶାନ୍ତ କୁମାର ପଲାଇଙ୍କୁ କୋରାଇ ଥାନାରୁ କାଳିଆପାଣି ଥାନା ଓ ସନାତନ ବେହେରାଙ୍କୁ ବ୍ରହ୍ମବରଦା ଥାନାରୁ କାଳିଆପାଣି ଥାନାକୁ ବଦଳି କରାଯାଇଛି। ସମସ୍ତ ଅଧିକାରୀ ମାନଙ୍କୁ ତୁରନ୍ତ ନୂତନ ସ୍ଥାନରେ ଯୋଗ ଦେବା ଲାଗି ଚିଠିରେ ଉଲ୍ଲେଖ ରହିଛି।

ବରପଦା ପଞ୍ଚାୟତ:ଉଦ୍‌ଘାଟନ ପୂର୍ବରୁ ନଷ୍ଟ ହେବାକୁ ବସିଲାଣି

# ଘାସ ଜଙ୍ଗଲରେ ଲୁଚିଗଲାଣି ରାମଚନ୍ଦ୍ରପୁର ଶିଶୁ ଉଦ୍ୟାନ



ବିଞ୍ଝାରପୁର,୧୨।୩(ସମିସ)

ସରକାରୀ ଯୋଜନା ଓ ବ୍ୟବସ୍ଥା ଜନସାଧାରଣଙ୍କୁ ଉନ୍ନତ ଓ ବିକାଶକ୍ଷମ କରାଇବା ପାଇଁ। ସରକାର ତାଙ୍କର ଲକ୍ଷ୍ୟ ସାଧନ ପାଇଁ କୋଟି କୋଟି ଟଙ୍କାର ବ୍ୟୟବରାଦ କରୁଛନ୍ତି ମାତ୍ର ବ୍ୟବସ୍ଥା ବା ଯୋଜନାର ରୂପାୟନ ପାଇଁ ଜିମାଦାର ନେଇଥିବା ଲୋକମାନଙ୍କର ଅଦୂରଦର୍ଶିତା ପାଇଁ ଏହି ଯୋଜନାର ସଠିକ ରୂପାୟନ ହୋଇ ନଥାଏ। ଏହି ଭଳି ଏକ ପ୍ରକଳ୍ପ ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକ ବରପଦା ପଞ୍ଚାୟତର ରାମଚନ୍ଦ୍ରପୁର ଠାରେ।

ପ୍ରକାଶ ଯେ ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କର ମହତ ଆକାଂକ୍ଷା ଯୋଗୁଁ ପଞ୍ଚାୟତର ରାମଚନ୍ଦ୍ରପୁର ହାଇସ୍କୁଲର ଅନତି ଦୂରରେ ଏକ ଶିଶୁଉଦ୍ୟାନ ନିର୍ମାଣକାର୍ଯ୍ୟ କରାଯାଇଥିଲା। ପଞ୍ଚାୟତ ସମିତି ସହାୟତାରେ ଏନ.ଆର.ଇ.ଜି.ଏସ ଯୋଜନାରେ ମାଟି ଫିଲିଂ ଠାରୁ ନାନାଦି କାର୍ଯ୍ୟ କରାଯାଇଥିଲା। ପ୍ରବେଶ ଫାଟକ, ୱାସ ରୁମ, ପାଚେରୀ ଓ ବିଭିନ୍ନ କଳାତ୍ମକ ନିର୍ମାଣ ଦେଖିଲେ ଯେ କେହି ଖୁସି ହେବ। ମାତ୍ର ଏବେ ସେ ଅବସ୍ଥା ନାହିଁ। ପାଖାପାଖି ୧୦ରୁ ୨୦ଲକ୍ଷ ଟଙ୍କା ଏହିସବୁ ନିର୍ମାଣରେ ବ୍ୟୟ ହୋଇଛି। ପଞ୍ଚାୟତ ନିର୍ବାଚନ ପରେ ଏହି କାର୍ଯ୍ୟର ଦାୟିତ୍ୱ ନେଇ କରୁଥିବା ସରପଞ୍ଚଙ୍କର କାର୍ଯ୍ୟକାଳ ସମାପ୍ତି ହୋଇଥିଲା। ସରପଞ୍ଚ ଏହି ଅଧୁରା କାମଟି କରି ପାରିଲେ ନାହିଁ। ତେବେ ଏହି ଶିଶୁ ଉଦ୍ୟାନର ନିର୍ମାଣ କାମ ଶେଷ ହେବାକୁ ଆଉ ପାଖାପାଖି ୮ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ପଞ୍ଚାୟତ ପାଣ୍ଠି ଏହି କାର୍ଯ୍ୟରେ ବ୍ୟୟ ହେଉ ନଥିବାରୁ କାର୍ଯ୍ୟଟି ଠପ୍ ହୋଇ ଯାଇଛି। ଦୀର୍ଘଦିନ ଧରି କାମ ବନ୍ଦ ପଡିବା କାରଣରୁ ପ୍ରକଳ୍ପ ଭିତର କୃତ୍ରିମ ଜଙ୍ଗଲରେ ପରିଣତ ହୋଇଛି। ତେବେ ଏହି ସୁନ୍ଦର ପ୍ରକଳ୍ପଟି ଏବେ ନଷ୍ଟ ହେବାକୁ ଆରମ୍ଭ କଲାଣି।

ସୂଚନା ମୁତାବିକ ଏହି ଶିଶୁ ଉଦ୍ୟାନଟିର କାମ ଶେଷ କରାଯାଇ ଏହାକୁ ତତ୍‌କାଳୀନ ମନ୍ତ୍ରୀ ତଥା ଏବେକାର ବାଚସ୍ପତି ମହୋଦୟାଙ୍କ ହାତରେ ଉଦଘାଟନ କରାଇବା ପାଇଁ ପୂର୍ବତନ ସରପଞ୍ଚଙ୍କ ଯୋଜନା ଫେଲ ମାରିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନର ସରପଞ୍ଚ ଏହି ପ୍ରକଳ୍ପର କାମ ଶେଷ ପାଇଁ ଆଦୌ ଚିନ୍ତା କରୁ ନଥିବା ଜଣା ଯାଇଛି। ପଞ୍ଚାୟତ ସମିତି ଯାହା କରିବ କରୁ ବୋଲି ସେ ରୋକଠୋକ ଶୁଣାଇ ଦେଇଛନ୍ତି। ବିଞ୍ଝାରପୁର ବ୍ଲକ ମଧ୍ୟରେ ଏପରି ଏକ ଚିନ୍ତାଧାରାର ନିର୍ମାଣ କେଉଁଠି ଦେଖିବାକୁ ମିଳୁନାହିଁ। ବରପଦା ପଞ୍ଚାୟତରେ ହୋଇଥିବା ଏଭଳି ଏକ ପ୍ରକଳ୍ପର ବାକିକାମ ସାରିବା ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯାଉ ବୋଲି ବୁଦ୍ଧିଜୀବି ମହଲରେ ଦାବୀ ହୋଇଛି।

### ସେମାନେ ଯାହା କୁହନ୍ତି ...

ରାମଚନ୍ଦ୍ରପୁର ଠାରେ ହୋଇଥିବା ଶିଶୁ ଉଦ୍ୟାନ କାମ ମୋର ପଞ୍ଚାୟତର ନୁହେଁ। ଏହା ପଞ୍ଚାୟତ ସମିତି ଅନୁଦାନରେ ନିର୍ମାଣ କରାଯାଇଥିଲା। ବ୍ଲକରେ ଦାୟିତ୍ୱରେ ଥିବା ଜେ.ଇ.ଙ୍କୁ ପଚାରନ୍ତୁ ସେ ଏ ବାବଦରେ କହିପାରିବେ।

**ହରପ୍ରିୟା ମଲିକ (ବରପଦା ସରପଞ୍ଚ )**

ଏହି ପ୍ରକଳ୍ପଟି ଯଦିଓ ପଞ୍ଚାୟତ ସମିତିର ତଥାପି ପଞ୍ଚାୟତର କିଛି ପାଣ୍ଠି ଏହି ପ୍ରକଳ୍ପରେ ଖର୍ଚ୍ଚ ହୋଇଛି। ପାଖାପାଖି ୮୦ପ୍ରତିଶତ କାମ ସରିଯାଇଛି। ବାକି କାମ ପାଇଁ ଅର୍ଥର ବ୍ୟବସ୍ଥା ନଥିବାରୁ ଏହା ଶେଷ ହୋଇପାରିନାହିଁ। ଅର୍ଥ ବ୍ୟବସ୍ଥା ପାଇଁ ଚେଷ୍ଟା ଚାଲିଛି। ଭାବୁଛି ଅତିଶୀଘ୍ର ଏହାର କାମ ସରିଯିବ।

**ଇଂ. ଅମୂଲ୍ୟ ତ୍ରିପାଠୀ ( କନିଷ୍ଠ ଯନ୍ତ୍ରୀ)**

ଏହି ପ୍ରକଳ୍ପଟି କରିବା ମୂଳରେ ବରପଦା ପଞ୍ଚାୟତକୁ ଆକର୍ଷଣୀୟ କରିବାର ଉଦ୍ଦେଶ୍ୟ ଥିଲା। ଏନ.ଆର.ଇ.ଜି.ଏସରୁ କିଛି ଅର୍ଥ ଏଥିରେ ବିନିଯୋଗ ହୋଇଛି। ନିର୍ମାଣରେ ବ୍ୟୟ ଅର୍ଥ ଏଯାବତ୍ କିଛି ମିଳିନାହିଁ। ତେବେ ପ୍ରକଳ୍ପଟିକୁ ଶେଷ କରାଯିବା ପାଇଁ ବ୍ୟୟ ବରାଦ ପାଇଁ ସରକାରୀ ସ୍ତରରେ ଚେଷ୍ଟା କରାଯାଉଛି।

**ବିନୟ କୁମାର ଧଳ (ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି)**

## ବେଆଇନ ଗୋ ଚାଲାଣ ମାମଲା; ୨କୋର୍ଟ ଚାଲାଣ

**ଜବତ ଗୋରୁକୁ ବାଣ୍ଟିଦେଲା ପୁଲିସ**

**ପାଣିକୋଇଲି,୧୨।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ପରଦେଶୀ ଗଡ଼ିଆ ପାଖରେ ୭୦ଟି ଚାଲାଣ ଅପେକ୍ଷାରେ ଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଣିକୋଇଲି ପୁଲିସ ଚଢଉ କରି ଗୋରୁ ଗୁଡ଼ିକୁ ଉଦ୍ଧାର କରିଥିଲା। ପରେ ଉକ୍ତ ଚାଲାଣରେ ଜଡ଼ିତ ବେପାରୀ ଓ ଟ୍ରକର ଚାଳକକୁ ପୁଲିସ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ପ୍ରକାଶଯେ କେଉଟନଗୁଆଁ ଗ୍ରାମର ନିୟମିତ ଗୋରୁ ବେପାରୀ ବିଷ୍ଣୁ ଜେନାଙ୍କ ପୁଅ ଭୋଳାନାଥ ଜେନା (୬୫) ନିଜ ଘର ପରଦେଶୀ ଗଡ଼ିଆ ପାଖରେ ଗୋରୁଙ୍କୁ ଆଣି ଜିଲ୍ଲା ତଥା ରାଜ୍ୟ ବାହାରେ ଥିବା କଂସେଇଖାନା ଗୁଡ଼ିକୁ ଚାଲାଣ କରିଥାଏ। ଏ ନେଇ ଭୋଳା ନାମରେ ପାଣିକୋଇଲି ଥାନାରେ ଏକାଧିକ ମାମଲା ରହିଥିବା ସହିତ ସେ ମଧ୍ୟ ବହୁବାର ଗିରଫ ହୋଇ କୋର୍ଟ ଚାଲାଣ ହୋଇଛି। ମାତ୍ର ଜାମିନରେ ଆସି ପୁଣି ଥରେ ନିଜ ବେପାର ଚାଲୁ ରଖିଛି। ତେବେ ଗତ ୧୦ ତାରିଖ ଦିନ ୭୦ଟି ଗୋରୁଙ୍କୁ ନିଜ ଘର ପାଖରେ ବାନ୍ଧିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶ ମତେ ରାତ୍ରିକାଳୀନ ପେଟ୍ରୋଲିଂ ଦାୟିତ୍ୱରେ ଥିବା ଥାନାର ସବଇନିସପେକ୍ଟର ସ୍ମୃତି ମଂଜରୀ ବଡ଼ଜେନା ,ଏଏସଆଇ ପ୍ରତାପ ଗଡ଼ନାୟକ ଓ କନେଷ୍ଟବଳ ମନମୋହନ ବାରିକ ଚଢଉ କରି ଗୋରୁ ଗୁଡ଼ିକୁ ମୁକ୍ତ କରିବା ସହିତ ଚାଲାଣ ନିମନ୍ତେ ଛିଡ଼ା ହୋଇଥିବା ଏକ ଟ୍ରକକୁ (ଓଡ଼ି୦୨ଏଭି୨୦୮୬)କୁ ଜବତ କରିଥିଲେ। ତେବେ ଭୋଳା ଓ ଟ୍ରକର ଚାଳକ ଭଦ୍ରକ ଜିଲ୍ଲା ପୁରୁଣାବଜାର ଅଞ୍ଚଳର ଶେଖ ଅମୀନଙ୍କ ପୁଅ ଶେଖ ସାଦିକ ପୁଲିସର ଚଢଉର ଖବର ପାଇ ଫେରାର ହୋଇଯାଇଥିବା ବେଳେ ପୁଲିସ ଚାଲାଣ ହେବାକୁ ଥିବା ଏକ ଟ୍ରକ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା ୧୩୪/୨୪ ରୁଜୁ କରି ପୁଲିସ ଫେରାର ଥିବା ଭୋଳା ଓ ଟ୍ରକର ଚାଳକକୁ ଗିରଫ କରିଥିଲା। ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ଏଥି ସହିତ ଉଦ୍ଧାର ହୋଇଥିବା ଗୋରୁ ଗୁଡ଼ିକୁ ନିକଟସ୍ଥ ସାହାପୁର ହାଟକୁ ଆଣି ଇଚ୍ଛୁକ ବ୍ୟକ୍ତି ମାନଙ୍କୁ ମାଗଣାରେ ପ୍ରଦାନ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ଭାଇ ବୋହୂକୁ ମରଣାନ୍ତକ ଆକ୍ରମଣ; ଦେଢ଼ଶୁର କୋର୍ଟଚାଲାଣ

ପାଣିକୋଇଲି,୧୨।୩(ସମିସ)



ପାଣିକୋଇଲି ପୁଲିସ ଭାଇବୋହୂ ଆକ୍ରମଣକାରୀ ଦେଢଶୂରଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶ ଯେ ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ଗ୍ରାମରେ ଗୋଟିଏ ପରିବାର ମଧ୍ୟରେ ସାମାନ୍ୟ ଘଟଣାକୁ ନେଇ ଗଣ୍ଡଗୋଳ ଓ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ଅଭିଯୁକ୍ତକୁ ଅଦାଲତ ଚାଲାଣ କରିଛି। ତଣ୍ଡରା ଗ୍ରାମର ପଦ୍ମନାଭ କରଙ୍କ ଦୁଇ ପୁଅ ହଳଧର ଓ ଅଭିରାମଙ୍କ ମଧ୍ୟରେ ତିକ୍ତ ସମ୍ପର୍କ ରହିଥିଲା। ତେବେ ଶନିବାର ସନ୍ଧ୍ୟା ସାଢେ ୮ଟା ସମୟରେ ବଡଭାଇ ହଳଧର ଅଭିରାମଙ୍କ ଘରର ଝରକା ପାଖରେ ପରିସ୍ରା କରୁଥିଲେ। ଏହି ସମୟରେ ଅଭିରାମଙ୍କ ସ୍ତ୍ରୀ ଅଙ୍କିତା କିଏ ପରିଶ୍ରା କରୁଛି ବୋଲି ପାଟି କରିବାରୁ ହଳଧର ତାଙ୍କୁ ଗାଳିଗୁଲଜ କରିଥିଲେ। ହଳଧରଙ୍କ ସ୍ତ୍ରୀ ପାର୍ବତୀ ଏକ ପିଠା ଖଡିକାରେ ଅଙ୍କିତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଅଙ୍କିତାର ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାକୁ ବଞ୍ଚାଇବାକୁ ଯାଇଥିବା ଅଭିରାମଙ୍କୁ ମଧ ତାଙ୍କ ଭାଇ ଓ ଭାଉଜ ଆକ୍ରମଣ କରିଥିଲେ। ପାର୍ବତୀ ଏକ ପନିକିରେ ତାଙ୍କ ବେକକୁ ହାଣିବାକୁ ଉଦ୍ୟମ କରିବା ବେଳେ ସେ ବୁଲିଯିବରୁ ଅଣ୍ଟାରେ ବାଜିବାରୁ କ୍ଷତାକ୍ତ ହୋଇ ତଳେ ପଡି ଯାଇଥିଲେ। ଏହି ସମୟରେ ଉଭୟ ସ୍ୱାମୀ ସ୍ତ୍ରୀ ତାଙ୍କୁ ପିଠା ଖଡିକା ଓ ପନିକିରେ ଆକ୍ରମଣ କରିବା ସହିତ ତାଙ୍କ ହାତକୁ ଭାଙ୍ଗି ଦେଇଥିଲେ। ଫଳରେ ରକ୍ତାକ୍ତ ଅବସ୍ଥାରେ ଉଭୟ ସ୍ୱାମୀ-ସ୍ତ୍ରୀ ଯାଜପୁରରୋଡ କ୍ଷେତ୍ରୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମାତ୍ର ଅଙ୍କିତାଙ୍କ ଅବସ୍ଥା ଗୁରୁତର ଥିବାରୁ ସେ କଟକ ବଡ଼ ଡ଼ାକ୍ତରଖାନାକୁ ରେଫର ହୋଇଛନ୍ତି। ଏନେଇ ଅଭିରାମ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୧୨୯/୨୪ ଦଫା ୨୯୪,୩୦୭,୩୨୩,୩୨୪,୩୪.୩୫୪,୩୪ ଆଇପିସିରେ ହଳଧରଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଅପରପକ୍ଷେ ହଳଧରଙ୍କ ପତ୍ନୀ ପାର୍ବତୀ ମଧ ଅଭିରାମ ଓ ତାଙ୍କ ପତ୍ନୀ ଅଙ୍କିତାଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ତେବେ ପାର୍ବତୀଙ୍କ ଅଭିଯୋଗ ଅନୁସାରେ ପୁଲିସ ଏକ ମାମଲା ରଜୁ କରି ତଦନ୍ତ ଚାଲୁ ରଖିଛି।

## ବ୍ଲକ୍‌ସ୍ତରୀୟ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ

ଦଶରଥପୁର,୧୨।୩(ସମିସ)



ଦଶରଥପୁର ବ୍ଲକ୍‌ରେ ରାଜ୍ୟ ସରକାରଙ୍କ ଯୋଜନାରେ ପ୍ରଦତ୍ତ ବିଏସ୍‌କେୱାଇ ନବୀନ କାଡର୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱାଧୀନା କ୍ରିଷ୍ଟାବାଳାଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତିଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ଯୋଗ ଦେଇ ବିଏସ୍‌କେୱାଇ ନବୀନ କାଡର୍ ଯୋଜନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ଆଉ ଏକ ଅଭିନବ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲ୍ଲି ମଲ୍ଲିକ, ବିଡ଼ିଓ ଆକାଶ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାହାସବିହାରୀ ଜେନା, ଏବିଡ଼ିଓ ତ୍ରିଲୋଚନ ସେଠୀ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ବ୍ଲକ୍ ଯୋଗାଣ ଅଧିକାରିଣୀ ତପସ୍ୱିନୀ ରାୟ ପ୍ରମୁଖ ଯୋଗ ଦେଇ ବ୍ଲକ୍ ଅଧିନ ୩୫ ପଞ୍ଚାୟତରୁ ଆବେଦନ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ମଞ୍ଜୁରୀପ୍ରାପ୍ତ ୬୧୮ ହିତାଧିକାରୀଙ୍କୁ କାଡର୍ ବଣ୍ଟନ କରିଥିଲେ। ବାକି ରହିଯାଇଥିବା ଅବଶିଷ୍ଟ ହିତାଧିକାରୀଙ୍କୁ ଖୁବ୍‌ଶୀଘ୍ର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ବିଏସ୍‌କେୱାଇ ନବୀନ କାଡର୍ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠଯନ୍ତ୍ରୀ ନିର୍ମଳ ଚନ୍ଦ୍ର କାପ୍, ପ୍ରକାଶ ବେହେରା, ମହେଶ୍ୱର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ପିଇଓ, ସରପଞ୍ଚ, ସମିତିସଭ୍ୟ/ସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର

**ଷଠିପୁର ୧୨।୩(ସମିସ):** କୋରାଇ ବ୍ଲକ ଅର୍ନ୍ତଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗେଶ୍ୱର ଉନ୍ନୟନ କମିଟିର ୫୪ ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଏହି ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବରକୁ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ସଭାପତି ବିଷ୍ଣୁ ଚରଣ ଧଳ, ସମ୍ପାଦକ ଗୋଲକ ଚନ୍ଦ୍ର ମାଝୀ, ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରୀପାଠୀ ପ୍ରମୁଖ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ରକ୍ତଦାନ ଶିବିରକୁ ଅଶୋକ କୁମାର ସାହୁ, କୈଳାସ ସାହୁ, ନିତ୍ୟାନନ୍ଦ ପରିଡା, ମଦନ ମୋହନ ମାଝୀ ପ୍ରମୁଖ ପରିଚାଳନା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁରୁଜୀ ଗୁରୁମା ମାନଙ୍କ ପ୍ରତ୍ୟକ୍ଷ



ତତ୍ତ୍ୱାବଧାନରେ ଏହି ଶିବିରରେ ମୋଟ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରେଡକ୍ରସ ପକ୍ଷରୁ ଡାକ୍ତର ପ୍ରଶାନ୍ତ କୁମାର ବାରିକ, ଏଲଟି ପାର୍ଥ ସାରଥି ପୁହାଣ, ଇତିଶ୍ରୀ ନାୟକ, ସୀତାଂଶୁ କୁମାର ସ୍ୱାଇଁ, ଅଜୟ କୁମାର ଜେନା, ନବୀନ ଚନ୍ଦ୍ର ସେଠୀ, ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ରକ୍ତ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ସେହିପରି ଯାଜପୁର ରୋଡ ଭୂମିକା ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ ମଧ କରାଯାଇଥିଲା। ମୋଟ ୨୭ଜଣ ଚକ୍ଷୁ ପରୀକ୍ଷା କରିଥିବା ବେଳେ ୭ ଜଣଙ୍କୁ ଅସ୍ତ୍ରୋ।ପଚାର ପାଇଁ ଚିହ୍ନଟ କରାଯାଇଥିଲା। ରାଜ କିଶୋର ମଲ୍ଲିକ, ପ୍ରଦୀପ କମୁାର ଧଳ, ରମେଶ ଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ଧଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉଭୟ କାର୍ଯ୍ୟକ୍ରମକୁ ଗୁରୁମା ମିନାକ୍ଷୀ ମିଶ୍ର, ସସ୍ମିତା ମିଶ୍ର, ଜୁଲିରାଣୀ ମିଶ୍ର, ପୁଷ୍ପାଞ୍ଜଳୀ ଦ୍ୱିବେଦୀ, ପୁଷ୍ପଲତା ଜେନା, ସଂଗୀତା ନାୟକ, ମାହେଶ୍ୱରୀ ଜେନା ପ୍ରମୁଖ ସହଯୋଗ କରିଥିଲେ।

● ଭାଗବତ ଟୁଙ୍ଗୀ ପ୍ରୋତ୍ସାହନ ଲାଗି ସରକାରଙ୍କୁ ଶୁଭେଚ୍ଛା

# ପାଠାଗାର ଓ ଭାଗବତ ଟୁଙ୍ଗୀକୁ ସର୍ବସାଧାରଣ କରାଯାଉ

ବିଞ୍ଝାରପୁର,୧୨।୩(ସମିସ)

ସମଗ୍ର ଯାଜପୁର ଜିଲ୍ଲାରେ କଲେଜ, ହାଇସ୍କୁଲ ଓ ସାଧାରଣ ପାଠାଗାର ସଂଖ୍ୟା ୪ ଶହରୁ ଉର୍ଦ୍ଧ୍ୱ ଭଳି ରହିଛି। କେତେକ ପାଠାଗାରରେ ୫୦/୬୦ ବର୍ଷ ତଳର ମୂଲ୍ୟବାନ ବହି ସବୁ ଥିଲେ ହେଁ , ପରିଚାଳନା ଅଭାବରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଗଲାଣି। ଯେଉଁ ମୂଲ୍ୟବାନ ପୁସ୍ତକଗୁଡିକ ନଷ୍ଟ ହୋଇଯାଉଛି ତାର ପୁନଃସଂସ୍କରଣ ଆଉ ହେଉ ନାହିଁ। ତେଣୁ ହାଇସ୍କୁଲ ଓ କଲେଜ ତଥା ସାଧାରଣରେ ଥିବା ପାଠାଗାର ଗୁଡିକୁ ସର୍ବସାଧାରଣଙ୍କ ପାଇଁ ସୁଯୋଗ ଦିଆ ନଗଲେ ପାଠାଗାର ଆନ୍ଦୋଳନ ଅସଫଳ ହୋଇ ଯିବ। ଦୀର୍ଘ ୨୦ ବର୍ଷ ଧରି ଦେଖା ଯାଉଛି ଶିକ୍ଷାନୁଷ୍ଠାନ ମାନଙ୍କରେ ଥିବା ପାଠାଗାର ଗୁଡିକ ଅଚଳ ହୋଇ ପଡିରହିଛି। କଲେଜ ମାନଙ୍କରେ ଥିବା ପାଠାଗାରରେ ପାଠ୍ୟ ପୁସ୍ତକ ବ୍ୟତୀତ ଛାତ୍ର ଛାତ୍ରୀ ମାନେ ଅନ୍ୟ ପୁସ୍ତକ ଗୁଡିକୁ ପଢୁ ନାହାନ୍ତି। କଲେଜ ଗୁଡିକରେ ଗ୍ରନ୍ଥାଗାରିକ ଅଭାବରୁ ପାଠାଗାର ଗୁଡିକ ଅବହେଳିତ ହେଉଛି। ସରକାରୀ ତଥା ବେସରକାରୀ ଉଦ୍ୟମରେ ପ୍ରତି ପାଠାଗାର ମାନଙ୍କରେ ଗ୍ରନ୍ଥାଗାରିକ ବା ପରିଚାଳକ ନିଯୁକ୍ତି ପାଇବା ଆବଶ୍ୟକ ବୋଲି ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଅଖିଳଚକ୍ର ଦାବି କରିଛି। ଏହା ପୂର୍ବରୁ ଏହି ଅନୁଷ୍ଠାନ ପୂର୍ବରୁ କରାଯାଇଥିବା ମୋ ପାଠାଗାର ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିଗତ ପାଠାଗାରକୁ ସରକାରୀ ପ୍ରୋତ୍ସାହନ ଦେବାକୁ ମଧ ଦାବି ହୋଇଛି।

ଦୀର୍ଘ ୧୦ ବର୍ଷ ଧରି ଯାଜପୁର ଜିଲ୍ଲାରୁ ସ୍ୱର୍ଗତଃ ଭକ୍ତ ନିରଂଜନ ଆଚାର୍ଯ୍ୟ ଓ ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ଭାଗବତ ଆନ୍ଦୋଳନର ସୂତ୍ରପାତ କରିଥିଲେ। ଓଡିଆ ଜାତିର ପ୍ରାଣକେନ୍ଦ୍ର ହେଉଛି ଭାଗବତ ଟୁଙ୍ଗୀ ବୋଲି କୁହାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଂଝାରପୁର ଓ ରାଜକନିକା ବ୍ଲକ ଅଞ୍ଚଳରେ ଭାଗବତ ଟୁଙ୍ଗୀ ମଧ୍ୟ ଏମାନଙ୍କ ଉଦ୍ୟମରେ କେତେକ ସ୍ଥାନରେ ପ୍ରତିଷ୍ଠା ହୋଇ ପାରିଛି। ଏହି ଭାବତ ଟୁଙ୍ଗୀକୁ ସରକାରୀ ପ୍ରୋତ୍ସାହନ ନିମନ୍ତେ ମଧ ଦୀର୍ଘ ୫ ବର୍ଷ ଧରି ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିଲା। ଆଜି ସରକାରଙ୍କ ପକ୍ଷରୁ ଓଡିଶାର ପ୍ରତି ବ୍ଲକ ଅଞ୍ଚଳରେ ଥିବା ଭାବତ ଟୁଙ୍ଗୀକୁ ୫୦ ହଜାର ଟଙ୍କା ପ୍ରୋତ୍ସାହନ ଦିଆଯିବା ଲାଗି ଘୋଷଣା କରାଯାଇଛି। ସେଥିପାଇଁ ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ସରକାରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ତେବେ ଏହା ପୂର୍ବରୁ ମୋ-ଗାଁ ମୋ ବିକାଶ ଯୋଜନାରେ ଭାଗବତଟୁଙ୍ଗୀ ପାଇଁ ଆସିଥିବା ଲକ୍ଷ ଲକ୍ଷ ଟଙ୍କା ବିଭିନ୍ନ ପଞ୍ଚାୟତକୁ ଦିଆ ଯାଇଥିବା ବେଳେ ତାହା ଖର୍ଚ୍ଚ ନହୋଇ ପଡି ରହିଛି। ପ୍ରତି ପଞ୍ଚାୟତରେ ଅନ୍ୟୁନ୍ୟ ୪ ରୁ ୫ ଭାଗବତ ଘର ଅଛି। ସେଥିପାଇଁ ବିଞ୍ଝାରପୁର ବ୍ଲକରେ ୫ କୋଟିରୁ ଉର୍ଦ୍ଧ୍ୱ ଅନୁଦାନ ବଂଟନ କରାଯାଇଥିବା କୁହାଯାଉଛି। ସେହି ଅର୍ଥର ସଦୁପୋଯୋଗ କରାଯିବାକୁ ଏବଂ ଜିଲ୍ଲାର ସମସ୍ତ ପାଠାଗାରରେ ପରିଚାଳକ ନିଯୁକ୍ତି କରାଯିବାକୁ ଜିଲ୍ଲାର ବହୁ ଅନୁଷ୍ଠାନ ଓ ଅଖିଳଚକ୍ର ପକ୍ଷରୁ ଦାବି କରାଯାଇଛି।

## ରାମପୁର କଇଥା ଯୁଥ କ୍ଲବ ଗଠନ

**କବାଟବନ୍ଧ,୧୨।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ଅଧିନ ରାମପୁର କଇଥା ର ଯୁବକ ମାନଙ୍କୁ ନେଇ ଏକ ଯୁଥ କ୍ଲବ ଗଠନ କରାଯାଛି। ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଭାରେ ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ କୁଶ ଚନ୍ଦ୍ର ପ୍ରଧାନ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସଭା ରେ ଜିତେନ୍ଦ୍ର ରାଉତ, ରଞ୍ଜନ ବାଉଳ,ଅରୁଣ ପ୍ରଧାନ, ପ୍ରକାଶ ପଲେଇ, ସୁନୀଲ ପାଢ଼ୀ, ବିଶ୍ୱ ରନ ରାଉତ, ରାମଚନ୍ଦ୍ର ଜେନା, ଅମୂଲ୍ୟ ରାଉତ, ବାବୁଲି ରାଉତ, ଭଗବାନ ରାଉତ,ରାଜେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ଉନ୍ନୟନ ମୂଳକ କାମ ପାଇଁ ନିଷ୍ପତ୍ତି ନିଆ ଯାଇଥିଲା।

## ଘରେ କଳାକନା ବୁଲାଇଲେ ଲୁଟେରା

# ଲୁଟିଲେ ସୁନା ଗହଣା ସମେତ ୨୦ ଲକ୍ଷ ଟଙ୍କାର ସାମଗ୍ରୀ

**ବ୍ୟାସନଗର,୧୨ ।୩(ସମିସ)**

ବ୍ୟାସନଗର ପୌରାଞ୍ଚଳ କନ୍ହେଇପୁରସ୍ଥିତ ମହାବୀର କଲୋନୀରେ ରହୁଥିବା ବିଜେପି ନେତ୍ରୀ ଦୀପ୍ତିରେଖା ମିଶ୍ରଙ୍କ ଘରେ କଳାକନା ବୁଲାଇଛନ୍ତି ୫ ଜଣିଆ ଲୁଟେରା ଗ୍ୟାଙ୍ଗ । ନଗଦ ଏକ ଲକ୍ଷ ୨୦ ହଜାର ଟଙ୍କା ସହିତ ପ୍ରାୟ ୨୦ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ଦୁଇଟି ହୀରା ମୁଦି, ଲାପଟପ,ଟାବଲେଟ,ଦାମିକା ନୂଆ ଶାଢୀ,ପିଲାମାନଙ୍କ ସଂଚୟ ରାଶି ସମେତ ୨୦ରୁ ୨୨ ଲକ୍ଷ ଟଙ୍କାର ଆସବାବପତ୍ର ଲୁଟି ନେଇଥିବାର ଅଭିଯୋଗ ହୋଇଛି । ବିଜେପି ନେତ୍ରୀ ଶ୍ରୀମତୀ ମିଶ୍ରଙ୍କ ସମେତ ତାଙ୍କର ଦୁଇ ଝିଅ ଓ ସ୍ୱାମୀ ଗତ ସୋମବାର ଅପରାହ୍ନରେ ରହୁଥିବା ଭଡା ଘରେ ଚାବି ପକାଇ ନିଜ ଗ୍ରାମକୁ ଯାଇଥିବା ବେଳେ ଏକ ବୋଲେରୋ ଗାଡିରେ ଆସି ଲୁଟେରା ଗ୍ୟାଙ୍ଗର ଏକ ୫ଜଣିଆ ଦଳ ଏହି ବଡ ଧରଣର ଲୁଟପାଟ କରିଥିଲେ । ଖାଲି ସେତିକି ନୁହେଁ ଆଖପାଖ ଘରକୁ ଟାର୍ଗେଟ କରିବା ସହିତ ଏକାଧିକ ଘରର ଝରକା କବାଟ ତାଡି ଘରେ ପଶିଥିଲେ । ଏହି ଘଟଣା ଗତ ସୋମବାର ରାତ୍ର ୩ଟାରେ ଘଟିଥିବା ବେଳେ ଲୋକେ ଉଠି ପଡି ଧାଁ ଧପଡ କରିବାରୁ ଲୁଟେରା ଚମ୍ପଟ ମାରିଥିଲେ । ସିସିଟିଭି ଫୁଟେଜରୁ ଲୁଟେରାଙ୍କ ସଂଖ୍ୟା ୫ଥିବା ବେଳେ ଏମାନେ ଏକ ବୋଲେରୋ ଗାଡିରେ ଆସିଥିଲେ । ଯାଜପୁରରୋଡ ପୋଲିସ ଘଟଣାର ଅନୁସନ୍ଧାନ କରିବା ସହ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କକୁର ସହାୟତାରେ ଅପରାଧିଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟାକରି ମଧ୍ୟ ଫେଲ ମାରିଛି ।



ତେବେ ବ୍ୟାସନଗର ପୌରାଞ୍ଚଳର କନ୍ହେଇପୁର ଭିଆଇପି ଏରିଆରେ ଏହି ଚୋରି ପ୍ରଥମ ଘଟଣା ନୁହଁ । ଏହା ପୂର୍ବରୁ ଏକାଧିକବାର ଚୋରି ହୋଇଥିଲେ ମଧ୍ୟ ପୁଲିସରେ ଅଭିଯୋଗର କୌଣସି ପ୍ରକାର ପ୍ରଭାବ ଚୋରଙ୍କ ଉପରେ ପଡୁନଥିବା ଦେଖିବାକୁ ମିଳିଛି । ବାରମ୍ବାର ଚୋରି ଯୋଗୁ ଲୋକେ ଘରଦ୍ୱାର ଛାଡି କେଉଁଆଡ଼େ ଯାଇପାରୁ ନଥିବା ବେଳେ ଚୋରି ଆଶଙ୍କାରେ ନିଜ ନିଜର କଷ୍ଟ ଉପାର୍ଜିତ ସମ୍ପତ୍ତିର ସୁରକ୍ଷା ପାଇଁ ନିଜ ଘରେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚୌକିଦାରୀ କରୁଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଏହି ଭିଆଇପି ଏରିଆରେ ଗତ କିଛି ବର୍ଷ ଧରି କର୍ମଚାରୀ ଅଭାବ କହି ପୁଲିସର ଆଦୌ ରାତ୍ର ପ୍ରହରା ନଥିବା ବେଳେ ଲୁଟପାଟ ଏକ ନିତିଦିନିଆରେ ପରିଣତ ହୋଇଛି । କନ୍ହେଇପୁର ସଂଲଗ୍ନ କାଳି ମେଲଣ ପଡିଆ ଏମାନଙ୍କ ଆଡ୍ଡାସ୍ଥଳ ପାଲଟିଥିବା ବେଳେ ଏଠାରେ ବୁଲୁଥିବା ଗାଈଗୋରୁଙ୍କୁ ବୋଲେରୋ ଗାଡିରେ ଉଠାଇ ନେଉଛନ୍ତି । ଯେଉଁଦିନ ଗାଈ ମିଳୁନାହାନ୍ତି, ସେହି ରାତ୍ରୀରେ ଘରେ ପଶି ଲୁଟପାଟ କରୁଛନ୍ତି । ପୋଲିସ ଘଟଣା ସଂପର୍କରେ ଅନଭିଜ୍ଞ ନ ଥିବା କାଳି ମେଲଣ ପଡିଆ ଚତୁର୍ପାଶ୍ୱରେ ରହୁଥିବା ବାସିନ୍ଦା କହିଛନ୍ତି ।

# ନାବାଳିକାଙ୍କୁ ବିବାହ କରି ଜେଲ୍ ଗଲେ ଯୁବକ

**ଯାଜପୁର,୧୨।୩(ସମିସ):** ଜନୈକା ନାବାଳିକାକୁ ବିବାହ କରି ଯୁବକ ଜେଲ ଗଲେ । ଏଭଳି ଘଟଣା ଯାଜପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ନାବଳିକାର ଅନିଚ୍ଛା ସତ୍ତ୍ୱେ ପରିବାର ଲୋକେ ବିବାହ କରାଇଦେଇଥିଲେ । ଫଳରେ ବିବାହର ୮ ଦିନ ପରେ ନାବାଳିକା ଲୁଚି ପଳାଇ ଜଣେ ସରପଞ୍ଚଙ୍କ ସହାୟତାରେ ଥାନାରେ ପହଞ୍ଚିଥିଲା । ପୁଲିସ ନାବାଳିକାକୁ ଉଦ୍ଧାର କରି ଯାଜପୁର ସହର ସ୍ୱଧାର ଗୃହ ଜାଗୃତୀରେ ରଖିଛି ।

ପ୍ରକାଶଯେ, ନାବାଳିକାର ମା' ଜଣେ ଓଡ଼ିଆ ହୋଇଥିବା ବେଳେ ବାପା ମାରୁୱାଡ଼ି । ଉଭୟଙ୍କ ମଧ୍ୟରେ ଅନୁଗୁଳରେ ଦେଖା ହେବା ପରେ ଉଭୟ ବିବାହ କରି ଅହମ୍ମଦାବାଦ ପଳାଇଯାଇଥିଲେ । ସେଠାରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା । କରୋନା ସମୟରେ ନାବାଳିକାର ବାପାଙ୍କର ମୃତ୍ୟୁ ହୋଇଥିଲା । ନାବାଳିକାର ମା' ଓଡ଼ିଶା ଫେରି ଆସି ଭୁବନେଶ୍ୱରରେ ରହିବା ସହ ନିଜ ଝିଅକୁ ମାମୁଁଘର ଅନୁଗୁଳରେ ଛାଡ଼ି ଦେଇଥିଲେ । ସେଠାରେ ନାବାଳିକାଟି ନିର୍ଯାତିତ ହେବା ପରେ କୌଣସି ପ୍ରକାର ଖସି ପଳାଇ ଆସୁଥିବା ବେଳେ ଅନୁଗୁଳ ଷ୍ଟେସନରେ ରେଳବାଇ ପୁଲିସ ନାବାଳିକାକୁ ଧରି ସେଠାକାର ଏକ ସ୍ୱଧାର ଗୃହରେ ଛାଡ଼ିଥିଲେ । ଏହି ଖବର ନାବାଳିକାର ମା' ଜାଣିବା ପରେ ସେଠାରେ ତାଙ୍କ ଝିଅକୁ ନେଇ ଆସିଥିଲା । ଏହାରି ମଧ୍ୟରେ ନାବାଳିକାର ମା' ବରୀ ଥାନା କଳାଖଣ୍ଡ ଗ୍ରାମରେ ଦ୍ୱିତୀୟ ବିବାହ କରିସାରିଥିଲେ । ଝିଅକୁ ଆଣି ତାଙ୍କ ପାଖରେ ରଖିଥିଲେ । କିଛିଦିନ ପରେ ବରୀ ଥାନା ବାଇଁଶିରିଆ ଗ୍ରାମର ସତ୍ୟବ୍ରତ କର(୩୩)କୁ ନାବାଳିକାର ଅନିଚ୍ଛା ସତ୍ତ୍ୱେ ବିବାହ କରିଥିଲେ । ନାବାଳିକା ଜଣକ ସେଠାରେ ୮ ଦିନ ରହିବା ପରେ କୌଣସି ମତେ ଲୁଚି ପଳାଇ ଆସି ବାଇଁଶିରିଆ ସରପଞ୍ଚଙ୍କ ଘର ନିକଟରେ ଲୁଚିଥିଲା । ନାବାଳିକାକୁ ୨ଜଣ ଯୁବକ ଦେଖି ବରୀ ଥାନାରେ ଆଣି ଛାଡ଼ିଥିଲେ । ବରୀ ପୁଲିସ ନାବାଳିକାଠୁ ସମସ୍ତ ଘଟଣା ଶୁଣିବା ପରେ ଥାନାରେ ଏକ କେଶ ନଂ. ୧୩୭/୨୪ରେ ମାମଲା ରୁଜୁ କରି ଶିଶୁ ମଙ୍ଗଳ ଅଧିକାରିଣୀଙ୍କ ନିକଟରେ ହାଜର କରାଇବା ସହ ନାବାଳିକାକୁ ଜୋରଜବରଦସ୍ତ ବିବାହ ହୋଇଥିବା ସତ୍ୟବ୍ରତ କରକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।

# ସାଧୁଗୌରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୨୪ ଘଣ୍ଟିଆ ପାନୀୟଜଳ ବ୍ୟବସ୍ଥା



**ମଙ୍ଗଳପୁର ,୧୨।୩ (ସମିସ ):** ଯାତ୍ରୀ ଓ ଭକ୍ତମାନଙ୍କ ସୁବିଧା ପାଇଁ ସ୍ଥାନୀୟ ଯୁବ ସମାଜସେବୀ ପାବ କେଶରି ମହାପାତ୍ରଙ୍କ ଉଦ୍ୟମକ୍ରମେ ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ସାଧୁଗୌରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୨୪ ଘଣ୍ଟିଆ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ବିଶିଷ୍ଟ ଶିକ୍ଷାବିତ୍ ଗୌତମ ମହାପାତ୍ର, ଯୁବନେତା ମନୋଜ ମହାପାତ୍ର, ମନୋରଞ୍ଜନ ବାଇ, କନିକାପଡା ସରପଞ୍ଚ ପ୍ରଦୀପ କୁମାର ଯେନା, କନିକାପଡା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରାକେଶ କୁମାର ସାହୁ, ଯୁବ ସଙ୍ଗଠକ ଆଶିଷ ମହାପାତ୍ର, ମନ୍ଦିରର ପୂଜକ ଜଙ୍ଗେଶ୍ୱର ପଣ୍ଡା ପ୍ରମୁଖଙ୍କ ସମେତ ସ୍ଥାନୀୟ କିଛି ଜନସାଧାରଣ ମାନଙ୍କ ସହଯୋଗ ଓ ଉଦ୍ୟମ କ୍ରମେ ଆଗକୁ ଖରାଦିନ ଆସୁଥିବାରୁ ମନ୍ଦିର ପ୍ରାଙ୍ଗଣରେ ଏକ ନୂତନ ମଟର ଓ ପାଣିଟାଙ୍କି ବସାଇବା ସହ ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ପଥଚାରି, ମନ୍ଦିରକୁ ଆସୁଥିବା ଭକ୍ତ, ବଉଲାଙ୍ଗ ହାଟକୁ ଆସୁଥିବା ଜନସାଧାରଣଙ୍କ ସମେତ ସାଧୁଗୌରେଶ୍ୱର କଲେଜର ଛାତ୍ରଛାତ୍ରୀଙ୍କର ପାନୀୟଜଳ ଅସୁବିଧା ଦୂର ହୋଇପାରିବ ବୋଲି ଜଣା ପଡିଛି । ଯୁବ ସମାଜସେବୀ ଓ ଯୁବ ନେତା ତଥା ସ୍ଥାନୀୟ ଜନସାଧାରଣ ମାନଙ୍କ ଉଦ୍ୟମରେ ଏଭଳି ୨୪ ଘଣ୍ଟିଆ ପାନୀୟଜଳର ବ୍ୟବସ୍ଥା କରାଯାଇଥିବାରୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

# ଭୀମ ଆର୍ମି ପକ୍ଷରୁ ଟାଟା କାରଖାନା ଫାଟକ ସମ୍ମୁଖରେ ଧାରଣା

**ଦାନଗଦୀ,୧୨ ।୩(ସମିସ):** ୧୧ ଦଫା ଦାବିରେ ଭୀମ ଆର୍ମି ପକ୍ଷରୁ ଆଜି ଟାଟା କାରଖାନା ଫାଟକ ସମ୍ମୁଖରେ ଧାରଣା ଜାରି ରହିଛି । ସେମାନଙ୍କ କହିବା କଥା ହେଲା କଳିଙ୍ଗନଗର ଗୁଳିକାଣ୍ଡକୁ ୧୮ ବର୍ଷ ବିତିଯାଇଥିଲେ ମଧ୍ୟ ସମନ୍ୱିତ ବାସଚ୍ୟୁତଙ୍କ ସମସ୍ୟା ସମାଧାନ ହୋଇପାରିନାହିଁ । ବାରମ୍ବାର ପ୍ରଶାସନକୁ ଗୁହାରି କଲେ ମଧ୍ୟ କୌଣସି ଫଳ ମିଳୁନାହିଁ । ଏ ନେଇ ଭୀମ ଆର୍ମି ପକ୍ଷରୁ ଗତ ଅକ୍ଟୋବର ୧୬ ତାରିଖରେ ଟାଟାଗେଟକୁ ବନ୍ଦ କରାଯାଇ ୧୧ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଟାଟା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା । ହେଲେ ଏହା ମଧ୍ୟରେ ଦୀର୍ଘ ୫ ମାସ ବିତିଯାଇଥିଲେ ମଧ୍ୟ ଟାଟା କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ଆଲୋଚନା କରାଗଲାନାହିଁ । ଫଳରେ ବାଧ୍ୟ ହୋଇ ଆଜି ସକାଳୁ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଫାଟକ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ ହୋଇଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଭୀମ ଆର୍ମିର ରାଜ୍ୟ ସାଧାରଣ ସମ୍ପାଦକ ଜଗଜିବନ୍ କୁମାର କହିଛନ୍ତି ।




# ସୀତାରାମ ସେବା ସମିତି ପକ୍ଷରୁ ସହାୟତା

**ପାଣିକୋଇଲି, ୧୨।୩(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୀତାରାମ ସେବା ସମିତି, ଧନପୁର ପକ୍ଷରୁ ରୋଗୀମାନଙ୍କ ଚିକିତ୍ସାରେ ସହାୟତା ପାଇଁ ପ୍ରୟାସ ଜାରି ରଖିଛି । ପଥରପଦା ପଞ୍ଚାୟତ ଅନ୍ତର୍ଗତ ତାଜପୁର ଗ୍ରାମର ଦେବେନ୍ଦ୍ର ଚକ୍ରବର୍ତୀଙ୍କ ସ୍ତ୍ରୀ ପୂଜା କିଡିନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ତାଙ୍କ ନିକଟରେ ସଦସ୍ୟମାନେ ପହଞ୍ଚି ତାଙ୍କୁ ଚିକିତ୍ସା ନିମନ୍ତେ ଆର୍ôଥକ ୩ ହଜାର ଟଙ୍କା ସହାୟତା ଯୋଗାଇଛନ୍ତି । ସେହିପରି ରଗଡି ଗ୍ରାମର ରାଜେନ୍ଦ୍ର ରାଉତଙ୍କ ତିନି ବର୍ଷର ପୁଅ ଦୀପକ ରାଉତ ବୋନ କ୍ୟାନସରରେ ପୀଡିତ ଥିବା ଖବର ପାଇଁ ସେଠାରେ ପହଞ୍ଚି ଆର୍ଥିକ ସହାୟତା ୩ ହଜାର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୁଧିଷ୍ଠିର ସାହୁ, ପ୍ରମୋଦ ସ୍ୱାଇଁ, ପ୍ରମୋଦ ବୋଇତାଇ, ଅମୀୟ ସାହୁ, ରାମେଶ୍ୱର ସାହୁ, କୃଷ ଚନ୍ଦ୍ର ପାଢୀ ପ୍ରମୁଖ ସହଯୋଗର ହାତ ବଢାଇଥିଲେ ।

## ପାରାଦୀପ ବନ୍ଦରରେ ଏକଜିମ କଣ୍ଟେନର ସେବା

# ପ୍ରଥମ କମ୍ପାନୀ ଭାବେ ଅଂଶଗ୍ରହଣ କରିଛି ଜିନ୍ଦଲ ଷ୍ଟେନଲେସ୍



**ଦାନଗଦୀ ୧୨ ।୦୩(ସମିସ):** ଗତ କିଛି ଦିନ ମଧ୍ୟରେ ପାରାଦୀପ ଅନ୍ତର୍ଜାତୀୟ କାର୍ଗୋ ଟର୍ମିନାଲ୍ ପିଭି ଲିମିଟେଡ୍ ବର୍ଥରେ ପାରାଦୀପ ବନ୍ଦରରେ ଏକଜିମ କଂଟେନର ସେବାର ଉଦ୍‌ଘାଟନୀ ଉତ୍ସବରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଅଂଶଗ୍ରହଣ କରିଥିଲା । ବନ୍ଦର ଆରମ୍ଭରୁ ଏହି ସେବାରେ ଜଡିତ ପ୍ରଥମ କମ୍ପାନୀଗୁଡିକ ମଧ୍ୟରେ ରହି ଜିନ୍ଦଲ ଷ୍ଟେନଲେସ୍ ୟୁରୋପ ଏବଂ ଆମେରିକା ପାଇଁ ଷ୍ଟେନଲେସ୍ ଷ୍ଟିଲ୍ ସ୍ଲାବ୍ ଏବଂ କଏଲ ନେଇ ୩୬ ଟି କଣ୍ଟେନର ଏବଂ ୟୁଏଇର ଜେବଲ୍ ଅଲି ବନ୍ଦରକୁ ଷ୍ଟେନଲେସ୍ ଷ୍ଟିଲ୍ କଏଲ ଧାରଣ କରିଥିବା ୧୭ ଟି କଣ୍ଟେନର ପଠାଇଥିଲା ।

ମାର୍ଚ୍ଚ ୮ ତାରିଖ ୨୦୨୪ରେ ଜାହାଜ ଦ୍ୱାରା ମେଡ଼ିଟେରାନିଅନ ସିପିଂ କମ୍ପାନୀ ଦ୍ୱାରା ପ୍ରଥମ ୩୬ ଟି କଣ୍ଟେନର ପଠାଇଥିଲା । ଜିନ୍ଦଲ ଷ୍ଟେନଲେସ ଫେବୃଆରୀ ୨୪ ତାରିଖ ୨୦୨୪ ରେ ପାରାଦୀପ ବନ୍ଦରରୁ ୟୁନିଫିଡର୍ ଗୃପର ପ୍ରଥମ ବରାଦରେ ଷ୍ଟେନଲେସ୍ ଷ୍ଟିଲ୍ ପ୍ରସ୍ତୁତ ସାମଗ୍ରୀ ନେଇ ୧୭ ଟି କଣ୍ଟେନର ପଠାଇଥିଲା । ଏହି ଜାହାଜ କମ୍ପାନୀ ଗୁଡିକର ପ୍ରଥମ ଯାତ୍ରାଗୁଡିକ ନିଜର କରିବାର ଐତିହାସିକ ମୁହୂର୍ତ୍ତ କଣ୍ଟେନର ପରିବହନ ମାନଚିତ୍ରରେ ଲିପିବଦ୍ଧ ହୋଇ ରହିବ । ଜାହାଜରେ କଣ୍ଟେନର ପରିବହନର ଉଦ୍‌ଘାଟନୀ ଉତ୍ସବରେ ଶାଶ୍ୱତ ମିଶ୍ର (ଆଇଏଏସ୍) ମୁଖ୍ୟ ସଚିବ, ଏମ୍ଏସ୍ଏମ୍ଇ, ଓଡିଶା ସରକାର ଉଦ୍‌ଘାଟନ କରିଥିଲେ । ଏହି ବିକାଶ ପୂର୍ବ ଜୋନର ଶିଳ୍ପଗୁଡିକ ପାଇଁ ପ୍ରଥମ ଏବଂ ଶେଷ ମାଇଲ୍ ପର୍ଯ୍ୟନ୍ତ ପରିବହନ ସାମଗ୍ରୀର ଯଥେଷ୍ଟ ଉନ୍ନତି କରିବାକୁ ପ୍ରସ୍ତୁତ ଅଛି, ପଡୋଶୀ ରାଜ୍ୟର ଅନ୍ୟ ବନ୍ଦର ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ମହଙ୍ଗା ଖର୍ଚ୍ଚ ସଞ୍ଚୟ ଏବଂ ଅନ୍ୟର ପଦାଙ୍କ ଅନୁସରଣକୁ ହ୍ରାସ କରିବ ।

# ଧର୍ମଶାଳାରେ ଛିଡୁଛି ବିରୋଧୀଙ୍କ ଶିବିର

**କବାଟବନ୍ଧ,୧୨ ।୩ (ସମିସ):** ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ଧର୍ମଶାଳା ବିଜେପିର ଶିବିରରୁ ବିଭିନ୍ନ ପଦ ପଦବୀରେ ଥିବା କର୍ମୀମାନେ ଦଳ ଛାଡ଼ିବା ରାଜନୈତିକ ବାତାବରଣକୁ ଆହୁରି ସରଗରମ କରୁଛି ।ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ କାର୍ଯ୍ୟଶୈଳୀ ଉପରେ ଭରସା କରି ମଙ୍ଗଳବାର ୧୦୦ରୁ ଊର୍ଦ୍ଧ୍ୱ ବିଜେପି କାର୍ଯ୍ୟକର୍ତ୍ତା ଧର୍ମଶାଳା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ସାମିଲ ହେଲା ପରେ ବିଜେପି ଦଳ ପରିତ୍ୟାଗ କରି ଥିବା କାର୍ଯ୍ୟକର୍ତ୍ତା ମାନେ ଖୁସି ପ୍ରକାଶ କରିବା ସହିତ ଧର୍ମଶାଳା ବିକାଶ ପ୍ରଗତିର ଶିଖର ଛୁଇଁଛି ବୋଲି ପ୍ରକାଶ କରିଛନ୍ତି । ବିଧାୟକଙ୍କ କାର୍ଯ୍ୟ ଧାରାରେ ଅନୁପ୍ରାଣିତ ହୋଇ ସେମାନେ ବିଜେପି ଶିବିର ଛାଡି ବିଜେଡିରେ ସାମିଲ ହେବା କଥା କହିଛନ୍ତି । ଏହି ମିଶ୍ରଣ ପର୍ବରେ ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ଉପ ସଭାପତି କିରଣ କୁମାର ଜେନା, ୧୧ନମ୍ବର ଜୋନ ଯୁବ ମୋର୍ଚ୍ଚା ସଭାପତି ଅସିତ କୁମାର ସିଂ,ମର୍ଜିତାପୁର ପଞ୍ଚାୟତ ଯୁବ ପ୍ରମୁଖ ସୋନୁ ସିଂ, କୋତପୁର ଅନୁସୂଚିତ ଜାତି ମୋର୍ଚ୍ଚା ପ୍ରମୁଖ ଲକ୍ଷ୍ମୀଧର ମଲ୍ଲିକ, ସେକ୍ ଫୈସଲ ଅଲ୍ଲି, ସେକ ଦିଲଦାର, ସେକ ରଇସ ଏବଂ ଅନେକ ବିଜେପି କର୍ମ କର୍ତ୍ତା ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ଧର୍ମଶାଳା ବ୍ଲକ୍ ବିଜେଡି ସଭାପତି ଜଳଧର ମହାନ୍ତି, ଯୁବ ସଭାପତି କ୍ଷୀତିଶ ନାୟକ, ଛାତ୍ର ସଭାପତି ଜଗଦାନନ୍ଦ ରାଉତ ଉପସ୍ଥିତ ଥିଲେ । ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ସମସ୍ତଙ୍କୁ ସାଗତ କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ ।




# ଟ୍ରକ ପଛରେ ପିଟିଲା ଟ୍ରକ; ଜଣେ ଆହତ

**ପାଣିକୋଇଲି,୧୨।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଟାଙ୍କି ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛରେ ଆଉ ଏକ ଟ୍ରକ ଧକ୍କା ଦେବା ଫଳରେ ପଛ ଟ୍ରକର ଖଲାସୀ ଆହତ ହୋଇଛନ୍ତି । କଲିକତାରୁ ଚାଉଳ ନେଇ ବିଶାଖାପାଟଣା ଯାଉଥିବା ଏକ ଟ୍ରକ (ଏପି୩୧ଟିଡ଼ି୧୨୪୦) ଶର୍ମା ଟାଙ୍କି ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ୧୪ ଚକିଆ ଟ୍ରକ ପଛରେ ପିଟି ହୋଇଯାଇଥିଲା । ଫଳରେ ଉକ୍ତ ଟ୍ରକର ଖଲାସୀ ଉତ୍ତରପ୍ରଦେଶ ଗାଜିପୁରର ଦୀନେଶ ପଟେଲ ଟ୍ରକ ଭିତରେ ଚାପି ହୋଇ ରହିଯାଇଥିଲେ । ଦୁର୍ଘଟଣାର ଖବର ପାଇ ସ୍ଥାନୀୟ ବ୍ୟକ୍ତି ରାଜପଥ ପେଟ୍ରୋଲିଂ ପୁଲିସ ଓ ଥାନା ପୁଲିସ ସହାୟତାରେ ଉକ୍ତ ଖଲାସୀଙ୍କୁ ଟ୍ରକ ଭିତରୁ ଉଦ୍ଧାର କରି ସ୍ଥାନୀୟ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସା କରାଇଥିଲେ । ଦୁର୍ଘଟଣା ପରେ ଆଗରେ ଥିବା ଟ୍ରକଟି ପଳାଇଯାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ପୁଲିସ ଜବତ କରିଛି ।




# ଅଲେଖେଶ୍ୱର ପୀଠରେ ଯଜ୍ଞ ଉଦ୍‌ଯାପିତ

**ବିଂଝାରପୁର,୧୨।୩(ସମିସ):** ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଅର୍ନ୍ତଗତ ଅଳକୁଣ୍ଡସ୍ଥିତ ଅଲେଖଶ୍ୱର ମହାଦେବ ମନ୍ଦିରରେ ଶିବରାତ୍ରୀ ପୂର୍ବ ଦିନଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ରୁଦ୍ରଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇ ଯାଇଛି । ଶିବରାତ୍ରୀ ବିଧି ପାଳନ କରାଯିବା ସହିତ ରାତ୍ରରେ ଚର୍ତୁଥ ପ୍ରହର ନାମ କୀର୍ତ୍ତନ କରାଯାଇଥିଲା । ମନ୍ଦିର ପୂଜକ ଦେବଦତ୍ତ ପତି, ସିଦ୍ଧାର୍ଥ ପତି ଓ ନିରଞ୍ଜନ ଦାଶ ବିଧି ବିଧାନ ଅନୁଯାୟୀ ପୂଜାର୍ଚ୍ଚନା ପୂର୍ବକ ମହାଦୀପ ପ୍ରଜ୍ୱଳନ କରି ମନ୍ଦିର ଶିଖରରେ ସ୍ଥାପନ କରିଥିଲେ । ଯଜ୍ଞ ପୁରୋଧା ଦୁର୍ଲ୍ଲଭାନନ୍ଦ ଶତପଥୀଙ୍କ ପୋ÷ରହିତ୍ୟରେ ବଡସିଂହାର ବେଶ, ରୁଦ୍ରାଭିଷେକ ଓ ନାଗେଶ୍ୱରପୂଜା ହୋଇଥିଲା । କର୍ତ୍ତା ଓ କର୍ତ୍ତୀ ଭାବରେ ମହେନ୍ଦ୍ର ଦାସ ଓ ପତ୍ନି ଜାନକୀ ଦାସ ଦାୟିତ୍ୱ ତୁଲାଇଥିଲେ । ସ୍ଥାନୀୟ ଅଳକୁଣ୍ଡ ଥାନାର ପୁଲିସ ଜନଗହଳି ନିୟନ୍ତ୍ରଣ କରିଥିଲେ ।ଅଲେଖଶ୍ୱର ମହାଦେବ ମନ୍ଦିର ପରିଚାଳନା ସଂଘର କୋଷାଧ୍ୟକ୍ଷ ସୁଧୀର ଭୂୟାଁ ଆର୍ଥିକ ବ୍ୟବସ୍ଥା ପରିଚାଳନା କରିବା ସହିତ ସମ୍ପାଦକ ଘନଶ୍ୟାମ ପାତ୍ର,ଦୀନବନ୍ଧୁ ପଣ୍ଡା ଓ ବିଦ୍ୟାଧର ଦାସ ସହାୟତା କରିଥିଲେ । ସେହିପରି କାର୍ଯ୍ୟକ୍ରମ ପରିଚାଳନାରେ ସୁରେନ୍ଦ୍ର ଦାସ,ରମେଶ ଧଳ,ବଂଶୀଧର ସେଠୀ,ଇତ୍ୟାଦି କର୍ମକର୍ତ୍ତା ଓ ସଭ୍ୟସଭ୍ୟା ଉପସ୍ଥିତ ଥିଲେ ।

## ଅସହାୟ ଅଭିମନ୍ୟୁ

# ସହାୟତା ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ ଚିଠି

**କବାଟବନ୍ଧ,୧୨ ।୩ (ସମିସ)**

ସରକାରୀ ସହାୟତା ପାଇଁ ନିଜ ହାତରେ ଚିଠି ଲେଖି ଅନୁରୋଧ କଲେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଭିନ୍ନକ୍ଷମ ଅଭିମନ୍ୟୁ ବେହେରା ଓରଫ ଅଭି । ବୟସ ପ୍ରାୟ ୪୩ ବର୍ଷ । ଜନ୍ମରୁ ପୋଲିଓ ଆକ୍ରାନ୍ତ ହୋଇ ଅଭି ବହୁ କଷ୍ଟ ଯନ୍ତ୍ରଣାରେ କାଳାତିପାତ କରୁଛନ୍ତି । ଗତ ୯ ଡିସେମ୍ବର ୨୦୧୬ ମସିହାରେ ଯାଜପୁର ମୁଖ୍ୟ ଚିକିତ୍ସାଅଧିକାରୀ ତାଙ୍କୁ ଶତ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଏହା ପରେ ବି ସରକାରୀ ସହାୟତା ବାବଦକୁ କେବଳ ଭତ୍ତା ଟଙ୍କା ମିଳୁଛି । ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ନାହାଁନ୍ତି ଅଭି । ବହୁବାର ଅନୁରୋଧ କରିଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉ ନଥିବା ସେ କୋହଭରା କଣ୍ଠରେ କହିଛନ୍ତି । ଭିନ୍ନକ୍ଷମ ଅଭିଙ୍କ ହାତ ଗୋଡ଼ ଚାରୋଟି ସମ୍ପୂର୍ଣ୍ଣ ଅଚଳ । ଫଳରେ ସେ କେଉଁଆଡ଼େ ବି ଯିବା ଆସିବା କରିବାକୁ ଅସୁବିଧା ହେଉଛି । ପ୍ରାୟ ୩ ବର୍ଷ ତଳେ ପ୍ରଶାସନ ପକ୍ଷରୁ ତାଙ୍କୁ ଏକ ସାଧାରଣ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା । ଯାହାକି ବର୍ତ୍ତମାନ ଭାଙ୍ଗି ଯାଇଛି । ବ୍ୟାଟେରି ଚାଳିତ ହ୍ୱିଲ ଚେୟାରଟିଏ ମିଳିଲେ ସେ ଯିବା ଆସିବା ପାଇଁ ସହଜ ହୋଇ ପାରିବ ବୋଲି କହିଛନ୍ତି । ଆର୍ôଥକ ଅନାଟନରେ ଗତି କରୁଥିବା ପରିବାର ପାଇଁ ବୋଝ ସାଜିଛନ୍ତି ଭିନ୍ନକ୍ଷମ ଅଭି । ଶୋଇବା ପାଇଁ ବି ଅଭିଙ୍କୁ ନାହିଁ ଘର ଖଣ୍ଡେ । ଦିନ ରାତି ଘର ବାହାରେ ପିଣ୍ଡାରେ ଶୋଇ ରହୁଛନ୍ତି । ଆବାସ ଯୋଜନାରେ ସାମିଲ କରାଯାଇ ତାଙ୍କୁ ଘରଖଣ୍ଡେ ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି । ବ୍ଲକ ପ୍ରଶାସନକୁ ଅନେକଥର ଗୁହାରି କରି ହତୋତ୍ସାହିତ ହୋଇ ସେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ସହାୟତା ପାଇଁ ଅନୁରୋଧ କରିଛନ୍ତି । ତୁରନ୍ତ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ କୋହଭରା କଣ୍ଠରେ କହିଛନ୍ତି ।



### ଧାମରାଇ ଶିଳ୍ପ ପାର୍କ ପ୍ରକଳ୍ପ

# କ୍ଷତିପୂରଣ ଓ ଥଇଥାନ ପ୍ୟାକେଜ୍ ପାଇଁ ପ୍ରକଳ୍ପସ୍ତରୀୟ ବୈଠକ

ଭଦ୍ରକ,୧୨ ।୩(ସମିସ)

ଭଦ୍ରକ ଜିଲ୍ଲାରେ ଶିଳ୍ପ ପାର୍କ ପ୍ରତିଷ୍ଠାରେ ଅଧିଗ୍ରହଣ ହେବାକୁ ଥିବା ଜମି ପାଇଁ ବିସ୍ଥାପିତ ଓ ଜମିହରାଙ୍କୁ କ୍ଷତିପୂରଣ, ପୁନର୍ବାସ ଓ ଥଇଥାନ ପ୍ୟାକେଜ୍ ପ୍ରଦାନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସୂଚନା ଅନୁସାରେ ଜିଲ୍ଲା ପ୍ରଶାସନ ତରଫରୁ ୪ ଗୋଟି ରାଜସ୍ୱ ଗ୍ରାମ ଜଗନ୍ନାଥ ପ୍ରସାଦ, ବଳଭଦ୍ର ପ୍ରସାଦ, ଲକ୍ଷ୍ମୀ ପ୍ରସାଦ ଓ କଇଥଖୋଲାରେ ଅନ୍ୟୁନ୍ୟ ୯୭୧ ଏକର ବେସରକରୀ ଜମି ଅଧିଗ୍ରହଣ କରାଯିବ । ତେଣୁ ଏ ନେଇ ପୂର୍ବରୁ ଗ୍ରାମସଭରା ହୋଇ କ୍ଷତିଗ୍ରସ୍ତ ଓ ବିସ୍ଥାପିତଙ୍କ ସହ ଆଲୋଚନା କରାଯାଇଛି । ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ପ୍ରକଳ୍ପସ୍ତରୀୟ ପୁନର୍ବାସ ଓ ଥଇଥାନ କମିଟି ନିୟମାନୁଯାୟୀ ଗଠନ କରାଯାଇଛି । ଏହି କମିଟିର ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ପ୍ରକଳ୍ପରେ କ୍ଷତିଗ୍ରସ୍ତ .କ୍ଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଅର୍ଥ ପ୍ରଦାନ କରିବା ସହିତ ବିସ୍ଥାପିତ ଓ ଜୀବିକା ହରାଉଥିବା ପରିବାରକୁ



ପୁନର୍ବାସ ଓ ଥଇଥାନ ପ୍ୟାକେଜ ପ୍ରଦାନ କରିବା ପାଇଁ ଉକ୍ତ କମିଟିରେ ସ୍ଥିର କରାଯାଇଛି । ଏହାଛଡ଼ା ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ସମସ୍ତ ପ୍ରଭାବିତ ପରିବାରକୁ ଆର୍ଥିକ ଦୃଷ୍ଟିରୁ ସକ୍ଷମ କରିବା ପାଇଁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ସହିତ ଦକ୍ଷତା ବିକାଶ ସୁଯୋଗସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । କର୍ପୋରେଟ ସୋସିଆଲ ରେସପନ୍‌ସିବିଲିଟି କାର୍ଯ୍ୟକଳାପ ମାଧ୍ୟମରେ ପାରିପାର୍ଶିକ ଉନ୍ନତିକରଣ ତଥା ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା, ପାନୀୟଜଳ, ପରିମଳ ଇତ୍ୟାଦିକୁ ଗୁରୁତ୍ୱ ଦିଆଯିବା ସମ୍ପର୍କରେ ନିଷ୍ପତି ନିଆଯାଇଛି । ସେହିପରି ପ୍ରଦୂଷଣ ମୁକ୍ତ ପରିବେଶ ସୃଷ୍ଟି ପାଇଁ ବ୍ୟାପକ ବନୀକରଣ ନିମନ୍ତେ ପ୍ରସ୍ତାବ ଦିଆଗଲା । ସ୍ଥାନୀୟ ଜନସାଧାରଣଙ୍କୁ ନିଯୁକ୍ତିରେ ଅଧିକାର ଦେବାପାଇଁ ପଦକ୍ଷେପ ନିଆଯିବା ନିମନ୍ତେ ନିଷ୍ପତି ନିଆଗଲା । ଏହି ବୈଠକରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହିତ ସାଂସଦଙ୍କ ପ୍ରତିନିଧି ମୁକ୍ତିକାନ୍ତ ମଣ୍ଡଳ, ଚାନ୍ଦବାଲି ବ୍ଲକ ଅଧ୍ୟକ୍ଷା ମିନତୀ ସୁତାର, ଇଡିକୋ ଭୁବନେଶ୍ୱରର ସାଧାରଣ ପରିଚାଳକ ଡା. ସ୍ୱାତୀ ମିଶ୍ର, ପ୍ରଶାସକ ତଥା ଆରଏଣ୍ଡଆର ତଥା ଉପଜିଲ୍ଲାପାଳ ଭଦ୍ରକ ମନୋଜ ପାତ୍ର, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଏଏଲଓ ଇଡ଼କୋ ତାପସ ସାମଲ, ଜୋନ୍ ଅଫିସର ଭଦ୍ରକ ସୁଧାଂଶୁ ମୋହନ ସ୍ୱାଇଁ ଏବଂ ବିଏମ୍‌ଏସ୍‌ବିଆଇ ଦକ୍ଷିଣ ଧାମରା, ସ୍ୱେଚ୍ଛାସେବୀ ସଂସ୍ଥାରୁ ଦୀପକ ମହାପାତ୍ର, ରବି ସିଂ, ରମାକାନ୍ତ ସାମଲ, ଶକୁନ୍ତଳା ନାୟକ, ଭୂଅର୍ଜନ କାର୍ଯ୍ୟାଳୟର ସମ୍ପୃକ୍ତ କର୍ମଚାରୀ ଓ ଦୀପା ଟିମ୍‌ର ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।

## ଷଣ୍ଢ ଚୋରା ଚାଲାଣ; ୩ ଗିରଫ

**ବନ୍ତ/ଆଗରପଡ଼ା,୧୨।୩(ସମିସ):** ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ସାହୁପଡ଼ା ଗ୍ରାମ ନିକଟରେ ୩ଜଣ ଅଚିହ୍ନା ଯୁବକ ୨ଟି ଷଣ୍ଢକୁ ବାନ୍ଧି ନେଉଥିଲେ । ଏହାକୁ ଦେଖି ସନ୍ଦେହ କରି ସ୍ଥାନୀୟ ଲୋକେ ଏହି ତିନିଜଣ ଯୁବକଙ୍କୁ ଅଟକାଇବା ସହ ଷଣ୍ଢ ୨ଟିକୁ ଉଦ୍ଧାର କରି ପୁଲିସର ଜିମା ଦେଇଥିଲେ । ଷଣ୍ଢ ଦୁଇଟିକୁ ଚୋରା ଚାଲାଣ ଉଦ୍ଦେଶ୍ୟରେ ନିଆଯାଉଥିଲା ବୋଲି ପୁଲିସ ତଦନ୍ତ ପରେ ଜଣାପଡ଼ିଥିଲା । ଏହି ସମ୍ପର୍କରେ ଥାନା କେସ ନଂ ୫୪/୨୪ରେ ଏକ ମାମଲା ରୁଜୁକରି ପୁଲିସ ତିନିଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାର ଥାନା ସୂତ୍ରରୁ ଜଣାପଡ଼ିଛି ।

## ଚିପ୍ସ ବୋଝେଇ ଟିପ୍ପର ଓଲଟିଲା

**ବନ୍ତ/ଆଗରପଡ଼ା,୧୨।୩(ସମିସ):** ଆଗରପଡ଼ା-ବରପଦା ପୂର୍ତ୍ତ ବିଭାଗ ରାସ୍ତାର ବିସଲପଟା ଓ ବଡ଼ବର୍ଛିକୟାଁର ମଧ୍ୟ ସ୍ଥଳରେ ଭାରସାମ୍ୟ ହରାଇ ଏକ ଚିପ୍ସ ବୋଝେଇ ଟିପ୍ପର ରାସ୍ତାପାଶ୍ୱର୍କୁ ଓଲଟି ପଡ଼ିଥିଲା । ଟିପ୍ପର ସାମ୍ନାକୁ ଏକ କାର ଚାଲି ଆସିବାରୁ ଟିପର ଚାଳକ ଦୁର୍ଘଟଣାକୁ ଏଡ଼ାଇବାକୁ ଯାଇ ଅନ୍ୟପାଶ୍ୱର୍କୁ କାଟିବାରୁ ଟିପ୍ପର ଓଲଟି ପଡ଼ିଥିଲା ବୋଲି କେହିକେହି କହୁଥିବା ବେଳେ ଆଉ କେହି ଟିବର ବେଗ ଅଧିକ ଥିବାରୁ ନିୟନ୍ତ୍ରଣ ହରାଇ ଏହିପରି ଘଟଣା ଘଟିଥିବାର କହିଥିଲେ । ଏଥିରେ ଟିପ୍ପର ଚାଳକ ଓ ହେଲପର ଆହତ ହୋଇଥିବାର ଜଣାପଡ଼ିଛି ।

## ନିଆଁ ଲଗାଇ ଘର ପୋଡ଼ିଦେଲେ

**ବାସୁଦେବପୁର,୧୨ ।୩(ସମିସ):** ବାସୁଦେବପୁର ଥାନା ଖରିଦା ବିନାୟକପୁର ଗ୍ରାମର ଜଣେ ମହିଳା ରାତିରେ ତିନି ପିଲାଙ୍କୁ ଧରି ଶୋଇଥିବା ସମୟରେ କେତେକ ଦୁର୍ବୃତ୍ତ ଝାଟିମାଟି ଘରକୁ ନିଆଁ ଲଗାଇ ମାରି ଦେବାକୁ ପ୍ରୟାସ ଘଟଣା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି । ଏହି ଆକ୍ରୋଶ ମୂଳକ ଅଗ୍ନିକାଣ୍ଡରେ ତିନି ବଖରା ଘରଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ସୂଚନା ମିଳିଛି । ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ମହିଳାଙ୍କ ସମେତ ଚାରି ଜଣ ବୋଲି ଜଣାପଡିଛି । ବିପନ୍ନ ମହିଳା ଜଣକ ମନୋରମା ମଳିକ ହୋଇଥିବା ବେଳେ ନାୟକାଣିଡିହୀ ଥାନା ତାଙ୍କର ସ୍ୱାମୀ ଓ ଶଶୁର ଘର ଲୋକେ ଏହି ଅଗ୍ନିକାଣ୍ଡ ଭିଆଇ ଥିବା ବାସୁଦେବପୁର ପୁଲିସ ନିକଟରେ ଅଭିଯୋଗ କରିଛନ୍ତି । ମନୋରମା ଦେଇଥିବା ଅଭିଯୋଗ ଅନୁଯାୟୀ କିଛି ଦିନ ତଳେ ସ୍ୱାମୀ ଓ ଶଶୁର ଘର ଲୋକଙ୍କ ସହିତ ବିବାଦ ଦେଖାଦେଇଥିଲା । ଯାହାକୁ ନେଇ ମନୋରମା ବାପଘର ବିନାୟକପୁରରେ ପିଲାମାନଙ୍କୁ ଧରି ରହୁଥିଲେ । ହେଲେ ସ୍ୱାମୀ ଓ ଶଶୁର ଘର ଲୋକେ ମନୋରମାକୁ ଧମକପୂର୍ଣ୍ଣ ବାର୍ତ୍ତା ଦେଇ ଆସୁଥିଲେ । ଗତ ରବିବାର ରାତିରେ ଶୋଇଥିବା ଅବସ୍ଥାରେ ଘରେ ନିଆଁ ଲଗାଇ ମାରି ଦେବାକୁ ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି । ଏହି ଘଟଣାରେ ଘରଟି ଛାରଖାର ହୋଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଚାରି ପ୍ରାଣୀ କୁଟୁମ୍ବ । ପୁଲିସ ଅଭିଯୋଗକୁ କେନ୍ଦ୍ର କରି ତଦନ୍ତ କରୁଥିବା ସୂଚନା ରହିଛି ।

## ପାଳଗଦାରେ ନିଆଁ

**ମଞ୍ଜୁରୀ ରୋଡ୍,୧୨।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନେଉଳିଆ ଗ୍ରାମରେ ପ୍ରଶାନ୍ତ ବଳଙ୍କ ଖଳାବାଡିରେ ନିଆଁ ଲାଗିଥିଲା । ଏଥିରେ ଏକ ପାଳଗଦା ସହିତ ଗଚ୍ଛିତ ଥିବା ଛଣକୁଟା ମଧ୍ୟ ସଂପୂର୍ଣ୍ଣ ପୋଡ଼ି ଯାଇଛି । ଗ୍ରାମବାସୀ ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ ।

## ବିଶ୍ୱ କଳା ମୋତିଆ ବିନ୍ଦୁ ଦିବସ ପାଳିତ




**ଭଦ୍ରକ,୧୨ ।୩(ସମିସ):** ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କଳା ମୋତିଆ ବିନ୍ଦୁ (ଗ୍ଲୁକୋମା) ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ରୋଗକୁ ତୁରନ୍ତ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରି ଚିକିତ୍ସା କଲେ ଏହା ଭଲ ହୋଇଥାଏ । ତେଣୁ ଜନ ସାଧାରଣଙ୍କ ସଚେତନତା ପାଇଁ ଗୋଷ୍ଠୀ ଚିକିତ୍ସା ଅଧିକାରୀ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରି ଏକ କୁଇଜ୍ ପ୍ରତିଯୋଗିତା କରାଯାଇ ବିଜୟୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର କନକଲତା ସାହୁ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ଆର୍‌କେ ସାହୁ ସହଯୋଗ କରିଥିଲେ । ଡାକ୍ତର ସନ୍ତୋଷ କୁମାର ଜେନା ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଡାକ୍ତର ସୌଦାମିନୀ ଧଳ ସ୍ତ୍ରୀ ରୋଗ ବିଶେଷଜ୍ଞ ଯୋଗଦେଇ ସେମାନଙ୍କର ବହୁ ମୂଲ୍ୟ ମତବ୍ୟକ୍ତ କରିଥିଲେ । ଆଶା ମ୍ୟାନେଜର କଳ୍ପନା ସାମଲ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସରୋଜ କୁମାର ଦୀକ୍ଷିତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଚବିଶ ପ୍ରହର ନାମ ସଂକୀର୍ତ୍ତନ

**ମଞ୍ଜୁରୀରୋଡ୍,୧୨।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବଡ଼ ମାଳଦା ଠାରେ ଚବିଶ ପ୍ରହର ନାମ ସଙ୍କୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର କୀର୍ତ୍ତନ ମଣ୍ଡପ ଠାରେ ସବୁ ବର୍ଷ ଭଳି ଚଳିତ ବର୍ଷ ପବିତ୍ର ଶିବରାତ୍ରି ଦିନ ନାମ ସଂକୀର୍ତ୍ତନ ଉତ୍ସବ ପାଇଁ ଘଟ ଉତ୍ତୋଳନ ହୋଇଥିଲା । ପରେ ପରେ ୫ ଦିନ ଧରି ଗ୍ରାମରେ ଅଖଣ୍ଡ ହରିନାମ ଅନୁଷ୍ଠିତ ହୋଇଥିଲା । ଏହାଛଡା ଆଖପାଖ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ମାଳଦା ଠାରେ ପହଞ୍ଚି ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ । ଆଜି ନଗର ସଂକୀର୍ତ୍ତନ ସହିତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି ।

## ଚିଟ ଫଣ୍ଡ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଭଦ୍ରକ,୧୨ ।୩(ସମିସ):** ଆଜି ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସଂଗୀତା ପାଣି ବହୁଚର୍ଚ୍ଚିତ ଏମ୍‌ସିଏଲ୍ ଚିଟଫଣ୍ଡ କମ୍ପାନୀର ଅଭିଯୁକ୍ତମାନଙ୍କୁ ଉପଯୁକ୍ତ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ବିବରଣୀ ଅନୁଯାୟୀ ଗତ ୨୦୧୩ ମସିହା ମେ' ମାସରେ ପୁଲିସ ରାଜ୍ୟ ବ୍ୟାପୀ ଚଢ଼ଉ କରି ଚିଟଫଣ୍ଡ କମ୍ପାନୀଗୁଡିକ ଅଫିସକୁ ଜବତ କରିବା ସହ ଚିଟ୍‌ଫଣ୍ଡଗୁଡିକରେ କାର୍ଯ୍ୟରତ ଅଧିକାରୀ ଓ ଏଥିସହ ସମ୍ପୃକ୍ତ ଅନେକ ବ୍ୟକ୍ତିଙ୍କୁ ରାତିଅଧିଆ ଗିରଫ କରି ଜେଲ ପଠାଇ ଦେଇଥିଲେ । ସେତେବେଳେ ଧାମନଗର ପୁଲିସ ମଧ୍ୟ ଏକସାଥିରେ ଏମ୍‌ସିଏଲ୍ ଚିଟ୍‌ଫଣ୍ଡ କମ୍ପାନୀରେ ଶାଖା କାର୍ଯ୍ୟାଳୟ ଧାମନଗର ଓ ଭଦ୍ରକ ଚରମ୍ପାରେ ମୁଖ୍ୟ ଅଫିସ ଉପରେ ଚଢ଼ଉ କରିଥିଲା । ଜମାକାରୀମାନଙ୍କ ପାଖରୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଟଙ୍କା ଅଦାୟ ଅଭିଯୋଗରେ ଏମ୍‌ସିଏଲ୍ କମ୍ପାନୀରେ ନିର୍ଦ୍ଦେଶକ ଜଳେଶ୍ୱରର ସମସାଦ ଅଲ୍ଲୀ ଓ ତାଙ୍କ ଭାଇ ନୌସାଦ ଅଲ୍ଲୀ, ରାଜ୍ୟ ମୁଖ୍ୟ ପ୍ରଭାତ ପାଢ଼ୀ, ଶାଖା ପରିଚାଳକ ସୁବ୍ରତ କୁଣ୍ଡୁ, ଜମାକାରୀଙ୍କୁ ପ୍ରୋତ୍ସାହନ କରୁଥିବା ଏଜେଣ୍ଟ ଜୈନୁଲ ଆବେଦିନ, ମହମ୍ମଦ ହାଇଦର ଅଲ୍ଲୀ ପ୍ରମୁଖଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏ ସମ୍ପର୍କରେ ଧାମନଗର ଥାନା କେସ ନଂ-୧୧୨/୨୦୧୩ ଭାରତୀୟ ପିଙ୍ଗଳ କୋଡ଼ର ଦଫା -୪୬୮, ୪୨୦,୧୨୦(ଖ) ଓ ଚିଟଫଣ୍ଡ ଆଇନର ଧାରା ୪,୫,୬ରେ ମାମଲା ରୁଜୁ କରିଥିଲା । ମାତ୍ର ବୋର୍ଡର ଅନ୍ୟତମ ନିର୍ଦ୍ଦେଶକ ସାଇରଞ୍ଜନ ପଟ୍ଟନାୟକ ଅଦ୍ୟାବଧି ପଳାତକ ଘୋଷିତ ହୋଇରହିଛନ୍ତି । ଏହି ମାମାଲାଟି କାଳକ୍ରମେ ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତକୁ ବିଚାର ପାଇଁ ସ୍ଥାନାନ୍ତରିତ ହୋଇ ଜିଆର୍‌କେସ ନଂ- ୯ ୫୧/୧୩ ହୋଇଥିଲା । ସରକାରଙ୍କ ତରଫରୁ ୨୭ ଜଣ ସାକ୍ଷୀମାନଙ୍କ ବୟାନ ଉପସ୍ଥାପନା କରାଯିବା ସହ ଦୀର୍ଘ ୧୧ ବର୍ଷ ଧରି ମାମଲାର ବିଚାର ଚାଲିବା ପରେ କୋର୍ଟ ଆଜି ଅଭିଯୁକ୍ତମାନଙ୍କୁ ପ୍ରମାଣ ଅଭାବରୁ ଖଲାସ ଦେଇଛନ୍ତି । ଅଭିଯୁକ୍ତମାନଙ୍କ ତରଫରୁ ଭଦ୍ରକର ବରିଷ୍ଠ ଓକିଲ ଦିବ୍ୟସିଂହ ନାୟକ, ଗଦାଧର ବଳ, ଶକ୍ତିକାନ୍ତ ପାଢ଼ୀ ମାମଲା ପରିଚାଳନା କରୁଥଲେ ।

## ନିଯୁକ୍ତି ପାଇଲେ ୫୧ ନୂଆ ପିଇଓ



**ଭଦ୍ରକ,୧୨ ।୩(ସମିସ):** ଭଦ୍ରକ ଜିଲ୍ଲା ପାଇଁ ନିଯୁକ୍ତି ପାଇଥିବା ୫୧ ଜଣ ନୂଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି । ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି ନବନିଯୁକ୍ତି ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଆଗ୍ରହ ଓ ନିଷ୍ଠାର ସହିତ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ସରକାରୀ ଯୋଜନାର ସଫଳ କାର୍ଯ୍ୟକାରିତା ଦିଗରେ ପିଇଓମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲା ପଞ୍ଚାୟତ ଅଧିକାରୀ ବଂଶୀଧର ସିଂଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ କି ଏହି ପଦବି ପାଇଁ ଓଡିଶା ସବ୍ ଅର୍ଡିନେଟ ଷ୍ଟାଫ ସିଲେକ୍ସନ କମିସନ ଦ୍ୱାରା ପରିଚାଳିତ ଯୁଗ୍ମ ପରିକ୍ଷାରେ ଯୋଗ୍ୟ ବିବେଚିତ ଭଦ୍ରକ ଜିଲ୍ଲାର ୫୪ ଜଣଙ୍କ ମଧ୍ୟରୁ ଏଠାରେ ଉପସ୍ଥିତ ୫୧ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିଲା

## ମହିଳା ବିଜେଡି ସମ୍ମିଳନୀ

**ବାରିକପୁର,୧୨ ।୩(ସମିସ):** ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପ ଠାରେ ମହିଳା ବିଜେଡି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ମହିଳା ବିଜେଡି ସମ୍ପାଦିକା ରିତାଞ୍ଜଳି ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ



ସାମଲ ଯୋଗଦେଇ ମହିଳାମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଥିରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ମହାନ୍ତି, ରଶ୍ମିତା ପାଢି, ସରପଞ୍ଚ ବର୍ଷାରାଣୀ ଜେନା, ଅନ୍ନପୂର୍ଣ୍ଣା ପଣ୍ଡା ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାଛଡା ବ୍ଲକ ଅଧୀନ ୨୩ଗୋଟି ପଞ୍ଚାୟତର ଅନେକ ମହିଳା ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ଆରମ୍ଭ ହେଲା ରମଜାନ ରୋଜା ମାସ

**ଧାମନଗର,୧୨ ।୩(ସମିସ):** ଧାମନଗର ସହର ଓ ଏହାର ଆଖପାଖ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଚନ୍ଦ୍ର ଦେଖି ରାତ୍ରିରେ ତରାୱି ନମାଜ ପଢ଼ିବା ପରେ ମଙ୍ଗଳବାରଠାରୁ ପବିତ୍ର ରମଜାନ (ରୋଜା) ମାସର ପ୍ରଥମ ଉପାସ ଆରମ୍ଭ ହୋଇଛି । ବର୍ଷକୁ ବାରମାସ ଭିତରେ ୧୧ମାସକୁ ଛାଡ଼ି ଏକ ମାସ ଧରି ମୁସଲମାନ ସମ୍ପ୍ରଦାୟର ଲୋକମାନେ ଧର୍ମ ଓ ନିଷ୍ଠାର ସହ ପବିତ୍ର ରମଜାନ ମାସକୁ ପ୍ରାଧାନ୍ୟ ଦିଅନ୍ତି । ଏହି ଅବସରରେ ରୀତିନୀତି ଅନୁସାରେ ଭୋରରୁ ଖାଦ୍ୟ ଖାଇ ଦିନ ତମାମ ଉପାସ ରହି ସୂର୍ଯ୍ୟ ଅସ୍ତ ତଥା ସନ୍ଧ୍ୟା୬ଟା ସମୟରେ ଆଜାନ ହେଲେ ଇଫ୍‌ତାର ତଥା ଫଳମୂଳ ମାଧ୍ୟମରେ ଉପାସ ଖୋଲା ଯାଇଥାଏ । ଏହିଭଳି ଏକ ମାସ ଧରି ନିଷ୍ଠାର ସହ ଉପାସ ଚାଲି ୩୦ଟା ରୋଜା ସମ୍ପୂର୍ଣ୍ଣ ପରେ ଇଦ୍ ପର୍ବ ପାଳନ କରାଯିବ ବୋଲି ସୂଚନା ମିଳିଛି । ଏହି ଅବସରରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଜିଲ୍ଲା, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ସାଂସଦଙ୍କ ବ୍ଲକ ଓ ନଗର ପ୍ରତିନିଧି ହରେକୃଷ୍ଣ ପାଢ଼ୀ, ଜଗଦୀଶ ପାତ୍ର, ନଗର ବିଜେଡି ସଭାପତି ସୁଶାନ୍ତ ରାଉତ ପ୍ରମୁଖ ପବିତ୍ର ରମଜାନ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିବା ସୂଚନା ଦେଇଛନ୍ତି ।

## ଦୁର୍ଗାପୂଜା କମିଟି ସଭାପତିଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାରିକପୁର, ୧୨।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ଅଶୋକ ନାୟକଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ଭରତ ଚନ୍ଦ୍ର କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ ନଟବର ରାଉଳ, ସମାଜସେବୀ ଅକ୍ଷୟ ସାହୁ, ଅନନ୍ତ ତ୍ରିପାଠୀ, ରାମଚନ୍ଦ୍ର ସେନାପତି, ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା, ରତ୍ନାକର ଦାସ, ଯାତ୍ରା କଳାକାର କୀର୍ତ୍ତନ ଚନ୍ଦ୍ର ଧଳ, ଅକ୍ଷୟ ଜେନା, କିଶୋର ଷେଣ୍ଠ ପ୍ରମୁଖ



ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦାମୋଦର ନନ୍ଦ, ପ୍ରଦ୍ୟୁମ୍ନ ନନ୍ଦ, ଗଣେଶ ଚନ୍ଦ୍ର ଦାଶ, ଅଶୋକ ସାହୁ, କୁଳମଣୀ ପରିଡା, ଗୋକୁଳାନନ୍ଦ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ବାର୍ତ୍ତା ପ୍ରଦାନ କରିଥିବା ବେଳେ ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ । ଶିକ୍ଷକ ଜୟପ୍ରକାଶ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲୁହାପଥର ବୋଝେଇ ଟ୍ରକ୍ ଧକ୍କାରେ ଯୁବକ ଗୁରୁତର

**ବାସୁଦେବପୁର,୧୨ ।୩(ସମିସ):** ବାସୁଦେବପୁର-ଧାମରା ରାସ୍ତାରେ ପୁଣି ଆଜି ଏକ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତିନି ଦିନ ତଳେ ଉକ୍ତ ରାସ୍ତାର କଣ୍ଟିଆନାଳୀରେ ଦୁର୍ଘଟଣା ଘଟିଥିଲା । ପୁଣି ଦିନକ ପରେ ପାରାପୋଖରୀ ଓ ଆଜି ସମାରୂପରେ ଡିପେହୁରା ନିକଟରେ ଲୁହା ପଥର ବୋଝେଇ ଟ୍ରକ ଧକ୍କାରେ ଜଣେ ଯୁବକ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ଆଜି ସକାଳେ ଏହି ଦୁର୍ଘଟଣାରେ ସ୍ଥାନୀୟ ଅଞ୍ଚଳର ସୁଶାନ୍ତ ବେରା ନାମକ ଯୁବକର ଅବସ୍ଥା ସଙ୍କଟାପର୍ଣ୍ଣ ରହିଥିବା ସୂଚନା ରହିଛି । ତେବେ ଏହି ଘଟଣା ପ୍ରସାରିତ ହେବା ପରେ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ ସ୍ଥାନୀୟ ନାୟକାଣିଡିହି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ନେଇଥିବା ଜଣାପଡିଛି ।

## ମହିଳା ଚାଷୀଙ୍କ କାଳିଆ ଟଙ୍କା ନେଇଯାଉଛି ବ୍ୟାଙ୍କ୍

**ବାରିକପୁର,୧୨ ।୩(ସମିସ):** ଭଣ୍ଡାରିପୋଖରୀ ୟୁକୋ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ କାରସାଦି ଯୋଗୁ ଜଣେ ମହିଳା ଚାଷୀ କାଳିଆ ଓ ପିଏମ କିଷାନ ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ଅଭିଯୋଗ ଅନୁଯାୟୀ ନଗୁଆଁ ପଞ୍ଚାୟତ ବାରିକପୁର ନିକଟ ବାଘମରା ଗ୍ରାମର ମହିଳା ଚାଷୀ ଜୟସ୍ମିତା ଗୋଛାୟତ ୨୦୧୭ ମସିହାରେ ୟୁକୋ ବ୍ୟାଙ୍କରୁ ୩ଲକ୍ଷ ଟଙ୍କାର ଏକ ରିହାତି ଋଣ ନେଇଥିଲେ । ଋଣ ବାବଦକୁ ୧ଲକ୍ଷ ୨୦ହଜାର ଟଙ୍କା ଛାଡ଼ ହୋଇଥିବା ବେଳେ ବାକିଥିବା ଋଣ ଟଙ୍କାକୁ କିଛି କିସ୍ତି ଆକାରରେ ପ୍ରଦାନ କରିଥିଲେ । ଏହାପରେ ଆର୍‌ଥିକ ଅନଟନ ଯୋଗୁ ବାକିଥିବା ଋଣ ଟଙ୍କାକୁ ସୁଝି ପାରିନାହାନ୍ତି । ଏବେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରୋତ୍ସାହନ ରାଶି ଯୋଗାଉଛନ୍ତି । ଲଗାତର ଭାବେ ସରକାର ମହିଳା ଚାଷୀ ଖାତାରେ ଅର୍ଥ ପୈଠ କରୁଥିବା ବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ଅର୍ଥକୁ ଋଣ ବାବଦରେ କାଟି ନେଉଥିବା ଜଣାପଡିଛି । ଏପଟେ ମହିଳା ଜଣକ କହିଛନ୍ତି ଯେ ବ୍ୟାଙ୍କ ଋଣ ବାବଦରେ କୌଣସି ଲିଗାଲ ନୋଟିସ ନଦେଇ ଚାଷ ପାଇଁ ସରକାର ଦେଉଥିବା ଟଙ୍କାକୁ କାଟିଦେବା ବେଆଇନ ଅଟେ । ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

### ମାଷ୍ଟର ଟ୍ରେନର୍ ଓ ସେକ୍ଟର ଅଫିସରଙ୍କ ନିର୍ବାଚନୀ ତାଲିମ

# ଶୂନ ପୁନଃମତଦାନ ଉପରେ ପ୍ରାଧାନ୍ୟ







ଭଦ୍ରକ,୧୨ ।୩(ସମିସ)

ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ଅବସରରେ ନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ ନିୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ଓ ନିର୍ବାଚନ ମଣ୍ଡଳୀ ସ୍ତରୀୟ ମାଷ୍ଟର ଟ୍ରେନର ଓ ସେକ୍ଟର ଅଫିସର ମାନଙ୍କ ପାଇଁ ଏକ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହିଦ ସ୍ମୃତିଭବନ ସମ୍ମିଳନୀ କକ୍ଷରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଏହି ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜାତୀୟ ସ୍ତରର ମାଷ୍ଟର ଟ୍ରେନର ଭାବେ ଡିଟିଇଟିର ଯୁଗ୍ମ ନିର୍ଦ୍ଦେଶିକା ସଂଜିବିତା ରାୟ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ଗଡ଼ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଉପସ୍ଥିତ ପ୍ରଶିକ୍ଷାର୍ଥୀ ସମସ୍ତ ମାଷ୍ଟର ଟ୍ରେନର ଓ ସେକ୍ଟର ଅଫିସରମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ନିର୍ବାଚନ ଆୟୋଗ ତରଫରୁ ଆଗାମୀ ସାଧାରଣ ନିର୍ବାଚନରେ ଶୂନ ପୁନଃମତଦାନ ଉପରେ ପ୍ରାଧାନ୍ୟ ଦିଆଯାଉଥିବାରୁ ଏ ନେଇ ନିଶ୍ଚିତତା ପ୍ରତିପାଦନ ଦିଗରେ ଯତ୍ନବାନ୍ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ପ୍ରଶିକ୍ଷାର୍ଥୀ ଭାବେ ଉପସ୍ଥିତ ସମସ୍ତ ମାଷ୍ଟରଟ୍ରେନର, ସେକ୍ଟର ଅଫିସର, ବିଡିଓ ତହସିଲଦାର ଆଦି ସମସ୍ତେ ନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ ଠିକ୍ ଭାବେ ସବୁ ଜାଣିଲେ ପ୍ରିଜାଇଡ଼ିଂ ଏବଂ ପୋଲିଂ ଅଧିକାରୀମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରଦାନ କରିପାରିବେ ବୋଲି ସେ କହିଥିଲେ । ଭୁବନେଶ୍ୱରରୁ ଆସିଥିବା ଜାତୀୟ ସ୍ତରର ମାଷ୍ଟର ଟ୍ରେନର ଶ୍ରୀମତୀ ରାୟ ନିର୍ବାଚନୀ କାର୍ଯ୍ୟ ପରିଚାଳନାରେ ପ୍ରାର୍‌ଥିପତ୍ର ଦାଖଲ ଠାରୁ ଆରମ୍ଭ କରି ଫଳାଫଳ ଘୋଷଣା ଓ ଇଲେକ୍‌ସନ ସାର୍ଟିଫିକେଟ୍ ପ୍ରଦାନ ପର୍ଯ୍ୟନ୍ତ ସମସ୍ତ ବିଷୟକୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ । ବିଶେଷକରି ପୋଲିଂ ପାର୍ଟି ଗଠନ, ମତଦାନ କେନ୍ଦ୍ରରେ ମତଦାନ କାର୍ଯ୍ୟ ପରିଚାଳନା, ଇଭିଏମ୍‌ର ପରିଚାଳନା, ଆବଶ୍ୟକ ସମସ୍ତ ପ୍ରକାର ଫର୍ମର ଉପଯୋଗ ତରିକା, ମତଦାନ କେନ୍ଦ୍ରରେ ୱେବ୍ କାଷ୍ଟିଂ ବ୍ୟବସ୍ଥା, ଡାକ ଭୋଟ ପ୍ରକ୍ରିୟା, ପୋଲିଂ ଏଜେଣ୍ଟ ବ୍ୟବସ୍ଥା ଓ ପରିଚାଳନା, ପୋଲିଂ ପାର୍ଟିରେ ଥିବା ପ୍ରିଜାଇଡିଂ ଓ ଅନ୍ୟ ୫ ଜଣ ପୋଲିଂ ଅଧିକାରୀ ମାନଙ୍କର କାର୍ଯ୍ୟ ଓ ଦାୟିତ୍ୱ, ମକ୍‌ପୋଲ ପ୍ରଣାଳୀ, ଇଭିଏମ୍‌ରେ ତ୍ରୁଟି ଦେଖାଦେଲେ କି ବ୍ୟାଟେରୀରୁ ଚାର୍ଜ କମିଗଲେ ବଦଳ କରାଯିବା ପ୍ରକ୍ରିୟା, ଡିସ୍‌ବର୍ସାଲ ସେଣ୍ଟର ପରିଚାଳନା ଆଦି ନିର୍ବାଚନୀ ପରିଚାଳନା କାର୍ଯ୍ୟ ସମ୍ପର୍କିତ ବିଭିନ୍ନ ବିଷୟରେ ପ୍ରଶ୍ନୋତର ଜରିଆରେ ସେ ତାଲିମ୍ ପ୍ରଦାନ କରିଥିଲେ । ଏଥର ନିର୍ବାଚନ ପରିଚାଳନାରେ ନୂତନ ଭାବେ ପ୍ରଚଳିତ ହେବାକୁ ଥିବା ବିଧି ବିଧାନ ବିଷୟରେ ମଧ୍ୟ ସେ କହିଥିଲେ । ଡେପୁଟି କଲେକ୍ଟର ନିର୍ବାଚନ ସାଗରିକା ସାହୁ, ବିଭାଗୀୟ କର୍ମଚାରୀ ନବୀନ ଚନ୍ଦ୍ର ସେନାପତି, ଓଏସ୍‌ଡି ତାଜଉଦ୍ଦିନ୍, ଆବୁଫେଜ୍ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

www.sakalaepaper.com

■ ଭଦ୍ରକ ଓକିଲ ସଂଘର ନିର୍ବାଚନ

# ୭ ପଦବୀ ପାଇଁ ୧୯ ଜଣ ପ୍ରାର୍ଥୀ



**ଭଦ୍ରକ, ୧୨।୩(ସମିସ):** ଆସନ୍ତା ୩୦ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭଦ୍ରକ ଓକିଲ ସଂଘ ନିର୍ବାଚନ ଲାଗି ଆଜି ନାମାଙ୍କନ ଦାଖଲ ପର୍ବର ଥିଲା ଶେଷ ଦିନ। ଏହି ନିର୍ବାଚନରେ ସଭାପତି ପଦବୀ ପାଇଁ ବରିଷ୍ଠ ଓକିଲ ବସନ୍ତ ଦାସ, ଦେବେନ୍ଦ୍ର ପଣ୍ଡା, ଧନେଶ୍ୱର ମଲ୍ଲିକ ନିଜ ନିଜର ସମର୍ଥକ ମାନଙ୍କ ସହ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେହିଭଳି ଓକିଲ ସଂଘ ସମ୍ପାଦକ ପଦବୀ ପାଇଁ ପୂର୍ବ ଥର ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିବା ବରିଷ୍ଠ ଆଇନଜୀବୀ କଲ୍ୟାଣ କୁମାର ଦାସଙ୍କ ସହ ଏକାଧିକବାର ସମ୍ପାଦକ ରହିଥିବା ସୂର୍ଯ୍ୟକାନ୍ତ କୁଅଁର, ଉପସଭାପତି ପଦବୀ ପାଇଁ ଦୀପକ କୁମାର ସାହୁ, ମନୋରଞ୍ଜନ ଦାସ, କମଳିନୀ ନାୟକ, ସହ ସମ୍ପାଦକ ପାଇଁ ରତ୍ନାକର ବାରିକ, ଗିରିଜା ଶଙ୍କର ଦାସ, ରଞ୍ଜନ କୁମାର ପଣ୍ଡା, କୋଷାଧ୍ୟକ୍ଷ ପାଇଁ କିଶୋର ବଳ, ଉମାକାନ୍ତ ସେଠୀ, କାର୍ଯ୍ୟକାରିଣୀ ସଦସ୍ୟତା ପାଇଁ ଶିଳାଦିତ୍ୟ ନାୟକ, କୌଶିକ ଦାସ, ସଞ୍ଜୟ ନାୟକ, ବିଶ୍ୱ ପ୍ରକାଶ ଦାସ ନିଜ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ତେବେ ସେ ୪ ଜଣଙ୍କ ମଧ୍ୟରୁ ୩ ଜଣ ନିର୍ବାଚିତ ହେବେ। ସେହିପରି ଯୁଗ୍ମ ସମ୍ପାଦକ ଭାବରେ ନିକୁଞ୍ଜ ପୁହାଣ, ଲାଇବ୍ରେରୀ ସମ୍ପାଦକ ଭାବେ ସୁରେନ୍ଦ୍ର କର ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ତାଙ୍କ ବିରୋଧରେ ଅନ୍ୟ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିବାରୁ ସେ ୨ ଜଣଙ୍କ ବିଜୟ ସୁନିଶ୍ଚିତ ବୋଲି ଜଣାଯାଇଛି। ଆସନ୍ତା ୧୪ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବା ସହ ୧୬ ତାରିଖରେ ପ୍ରତ୍ୟାହାର ଓ ୧୮ ତାରିଖରେ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ ଓ ୩୦ ତାରିଖରେ ନିର୍ବାଚନ ହେବାକୁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି ବୋଲି ନିର୍ବାଚନ ଅଧିକାରୀ ବରିଷ୍ଠ ଅଧିବକ୍ତା ସନ୍ତୋଷ ନାୟକ କହିଛନ୍ତି। ତାଙ୍କୁ ସହାୟତା କରିବା ପାଇଁ ଆଇନଜୀବୀ ସରୋଜ ତପନ ଦାସ, ଅତିସ କୁମାର ବେହେରା, ଲଲାଟେନ୍ଦୁ ଦୀକ୍ଷିତ, ନାରାୟଣ ମହାନ୍ତି, ଚିତ୍ତରଞ୍ଜନ ନାଥ, ବନିତା ଦତ, ଜ୍ୟୋତି ରଞ୍ଜନ ବେହୁରା ପ୍ରମୁଖ ଅତିରିକ୍ତ ନିର୍ବାଚନ ଅଧିକାରୀ ବାବେ ନିଯୁକ୍ତି ପାଇଛନ୍ତି।

# ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

**ବାସୁଦେବପୁର, ୧୨।୩(ସମିସ):** ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅବହେଳାରୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ପ୍ରସୂତି ଜଣକ ହେଉଛନ୍ତି ବାସୁଦେବପୁର ଥାନା ସ୍ଥିତ ସୁଗୋ ପଞ୍ଚାୟତର ୩ ନମ୍ବର ୱାର୍ଡର ହାଟପୋଖରୀ ଗାଁର ପବିତ୍ର ବେହେରାଙ୍କ ସ୍ତ୍ରୀ ଯମୁନା (୩୦) ବୋଲି ଜାଣିବାକୁ ମିଳିଛି। ପରିବାର ଅଭିଯୋଗରୁ ଜଣାଯାଇଛି, ଯମୁନାଙ୍କୁ ଗତ ରବିବାର ସକାଳେ ପ୍ରସୂତି ପାଇଁ ବେଦନା ହୋଇଥିଲା। ପରିବାର ଲୋକେ ମଧ୍ୟ ଯମୁନାକୁ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। କିଛି ସମୟର ଚିକିତ୍ସା ସହିତ ମଧ୍ୟାହ୍ନରେ ଯମୁନାଙ୍କର ସ୍ୱାଭାବିକ ଭାବେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। କିନ୍ତୁ ଏହା ପରେ ମାତ୍ରାଧିକ ରକ୍ତସ୍ରାବ ହୋଇଥିଲା। ଫଳରେ କର୍ତ୍ତବ୍ୟରତ ଡାକ୍ତରଙ୍କ ଅକଲ ଗୁଡୁମ ହୋଇଯାଇଥିଲା। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ଭଣ୍ଡାର ଥାଇ ମଧ୍ୟ ତାହା ଯମୁନାଙ୍କୁ ବଞ୍ଚାଇବାରେ କାମରେ ଲାଗି ନଥିଲା। ରକ୍ତ ଭଣ୍ଡାରରେ ରକ୍ତ ଅଭାବ ସହିତ ଚିକିତ୍ସା ଅବହେଳା ମୃତ୍ୟୁର କାରଣ ସାଜିଲା ବୋଲି ପରିବାର ଅଭିଯୋଗ ଉଠାଇଥିଲେ। ପ୍ରସବ ପାଇଁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ବ୍ୟବସ୍ଥା ଥାଇ ମଧ୍ୟ ଯମୁନାଙ୍କୁ ସଙ୍ଗେ ସଙ୍ଗେ ଭଦ୍ରକ ସ୍ଥାନାନ୍ତର କରି ଦିଆ ଯାଇଥିଲା। ସେଠାରେ ପହଞ୍ଚିବା ପରେ ଯମୁନାଙ୍କର ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ଯମୁନାଙ୍କ ପରିବାର ଲୋକ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅବହେଳା ପ୍ରସଙ୍ଗକୁ ଦାୟି କରିଛନ୍ତି। ରକ୍ତ ମହଜୁଦ ଥିଲେ ଅବା କାର୍ଯ୍ୟରତ ଡାକ୍ତର ଦାୟିତ୍ୱବାନ ହୋଇଥିଲେ ଆଜି ହୁଏତ ଯମୁନା ବର୍ତ୍ତି ଯାଇ ପାରିଥାନ୍ତେ ବୋଲି ସାଧାରଣରେ ଗୁଞ୍ଜରିତ ହୋଇଛି। ଏହି ଘଟଣାକୁ ନେଇ ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଶାନ୍ତ ସାମନ୍ତ ପ୍ରସୂତି ଜଣକ ଆଡମିଶନ ହେବାର ୨ଘଣ୍ଟା ଭିତରେ ଶିଶୁ ପୁତ୍ର ଜନ୍ମ ହେବା ସହିତ ଉତ୍ତମ ଚିକିତ୍ସା ପରେ ସଙ୍କଟାପର୍ଣ୍ଣ ଥିବା ସଙ୍ଗେ ସଙ୍ଗେ ଭଦ୍ରକ ଡାକ୍ତରଖାନାକୁ ପଠାଇଥିଲୁ। ସେଠାରେ ତାଙ୍କର ମୃତ୍ୟୁ ହେବା ନିଶ୍ଚିନ୍ତପକ୍ଷେ ଦୁଃଖଦାୟକ ବୋଲି ମତପ୍ରକାଶ କରିଛନ୍ତି।

# ବିଏସ୍‌ଏଫ୍ ଯବାନ ଓ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ



**ଚାନ୍ଦବାଲି, ୧୨।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ କିପରି ଶାନ୍ତିଶୃଙ୍ଖଳାକୁ ନିୟନ୍ତ୍ରଣରେ ରଖି ହେବ ସେ ନେଇ ଚାନ୍ଦବାଲି ଥାନା ପୁଲିସ ଓ ବିଏସ୍‌ଏଫ୍ ଯବାନଙ୍କ ପକ୍ଷରୁ ଚାନ୍ଦବାଲି ସହରରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଏହି ଫ୍ଲାଗମାର୍ଚ୍ଚ ଚାନ୍ଦବାଲି ଥାନା ପରିସରରୁ ଚାନ୍ଦବାଲି ସହର ପରିକ୍ରମା କରି କାଳୀମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଚାନ୍ଦବାଲି ପୁଲିସ ସମେତ ବିଏସଏଫ୍‌ର ଏକ କମ୍ପାନୀ ଫୋର୍ସ ଅଂଶ ଗ୍ରହଣ କରିଥିଲେ। ଏହି ଫ୍ଲାଗମାର୍ଚ୍ଚ ଚାନ୍ଦବାଲି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ନେତୃତ୍ୱ ନେଇଥିଲେ।

## ୫.୭୬ କୋଟି ଟଙ୍କା ବ୍ୟୟ

# ଭଦ୍ରକ ବସ୍‌ଷ୍ଟାଣ୍ଡ ରୂପାନ୍ତରଣର ଉଦ୍‌ଘାଟନ

**ଭଦ୍ରକ, ୧୨।୩(ସମିସ)**




ଭଦ୍ରକ ସହରାଞ୍ଚଳ ୬ନମ୍ବର ୱାର୍ଡ ଅଧୀନ ମଠସାହି ଠାରେ ଥିବା ବସଷ୍ଟାଣ୍ଡ ରୂପାନ୍ତରଣର ଶୁଭ ଉଦଘାଟନୀ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଯୋଗଦେଇଥିବା ବେଳେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଧାୟକ ଶ୍ରୀ ମଲ୍ଲିକ କହିଥିଲେ, ପ୍ରାୟ ୨ଶହ କୋଟି ଟଙ୍କା ବ୍ୟୟରେ ୬୦ହଜାର ସ୍କୋୟାର ଫୁଟ୍‌ରେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିର୍ମାଣ ଠାରୁ ଆରମ୍ଭ କରି ନେହରୁ ଷ୍ଟାଡିୟମ ରୂପାନ୍ତରଣ କାର୍ଯ୍ୟ, ବାଗୁରାଇ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ, ୬କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ମହାବୀର ପଡ଼ିଆରେ ଫୁଟବଲ ଗ୍ରାଉଣ୍ଡ, ଅଢେଇ କୋଟି ଟଙ୍କା ବ୍ୟୟରେ ନିର୍ମିତ ବ୍ଲକ କଲୋନୀରେ ସ୍ମାର୍ଟ ଲାଇବ୍ରେରୀ, ୧କୋଟି ଟଙ୍କା ବ୍ୟୟରେ ମଠସାହି ଓ ବାଗୁରାଇରେ ୨ଗୋଟି ସ୍ମାର୍ଟ ଶ୍ମଶାନ, ମା'ଭଦ୍ରକାଳୀ ପୀଠର ରୂପାନ୍ତରଣ କାର୍ଯ୍ୟ ସହ ବିଭିନ୍ନ ଧର୍ମପୀଠ ଗୁଡିକର ରୂପାନ୍ତରିକରଣ କାର୍ଯ୍ୟ କରାଯାଇଛି। ୫କୋଟି ୭୬ଲକ୍ଷ ୪୭ହଜାର ଟଙ୍କା ବ୍ୟୟରେ ବସ୍‌ଷ୍ଟାଣ୍ଡ ରୂପାନ୍ତରଣ କାର୍ଯ୍ୟରେ ଦୁଇପଟରେ ଯାତ୍ରୀବାହୀ ବସ୍ ରହଣୀ ଲାଗି ବସ୍-ବେ ନିର୍ମାଣ, ଅତ୍ୟାଧୁନିକ ଆଲୋକୀକରଣ, ଫୁଡ୍‌ପାର୍କ, ଯାତ୍ରୀମାନଙ୍କ ପ୍ରତୀକ୍ଷା କକ୍ଷ, ବସ୍ ଚାଳକ, କଣ୍ଡକ୍ଟର ଓ କର୍ମଚାରୀଙ୍କ ବିଶ୍ରାମ କକ୍ଷ, ବସ୍ ମାଲିକଙ୍କ ଲାଗି ସ୍ୱତନ୍ତ୍ର ପ୍ରକୋଷ୍ଠ ସହ ପାଚେରି, ଗେଟ୍ ଓ ପେବର ବିଛାଯିବା ଭଳି କାର୍ଯ୍ୟ କରାଯାଇଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଶୁଭ ଉଦଘାଟନ କାର୍ଯ୍ୟରେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୌରପାଳିକା ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ.ଦୀପକ କୁମାର ପାଣିଗ୍ରାହୀ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ତଥା ପୌର ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ଜେନା, କାଉନସିଲର ତଥା ବସ୍ ମାଲିକ ଦିଲିପ ନାୟକ, କାଉନସିଲର ଜୁଲଫିକର ଅଲ୍ଲି, ସେକ ସହିଦ ଓ ଆଶୀଷ କୁମାର ମହାପାତ୍ର, କାଉନସିଲର ପ୍ରତିନିଧି ପଙ୍କଜ ବଳ, ସୂର୍ଯ୍ୟକୁମାର ଦାସ, ବସ୍ ମାଲିକ କୁନା ପରିଡ଼ା, ଶ୍ୟାମସୁନ୍ଦର ନାୟକ, ଟାଉନ ମହିଳା ବିଜେଡି ସଭାନେତ୍ରୀ ଦେବହୂତି ମହାପାତ୍ର, ନାରୀନେତ୍ରୀ ରାଜଲକ୍ଷ୍ମୀ ମହାପାତ୍ର ଓ ମମତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନର ୧୪୪ ଧାରାକୁ ମାନୁନାହାନ୍ତି ବାଲିମାଫିଆ



**ଦୋବଲ, ୧୨।୩(ସମିସ):** ଧାମନଗର ତହସିଲ ଅଧୀନ ଆନନ୍ଦପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ବୈତରଣୀ ନଦୀରୁ ବାଲି ଚୋରି ରୋକିବା ଲାଗି ଭଦ୍ରକ ଉପଜିଲ୍ଲାପାଳ ଲଗାଇଥିବା ୧୪୪ ଧାରାକୁ ବାଲି ମାଫିଆ ମାନୁନାହାନ୍ତି। ଓଲଟି ପ୍ରଶାସନ ଇଙ୍ଗିତରେ ବାଲି ମାଫିଆ ବୈତରଣୀ ନଦୀରୁ ଅହରହ ବାଲି ଚୋରି କରୁଛନ୍ତି। ପ୍ରକାଶ ଥାଉ କି ଭଦ୍ରକ ଉପଜିଲ୍ଲାପାଳ ଧାମନଗର ବ୍ଲକର ବୈତରଣୀ ନଦୀର ଯେଉଁ ସବୁ ବାଲିଘାଟରେ ୧୪୪ଧାରା ଲାଗୁ କରିଛନ୍ତି, ସେ ନିୟମକୁ ଫୁ କରି ବାଲି ଉଠାଯାଉଛି। ଉପଜିଲ୍ଲାପାଳ ଫେବୃଆରି ୨୬ ତାରିଖରେ ଚିଠି ସଂଖ୍ୟା ୬୭୧/୨୪ରେ ଆନନ୍ଦପୁର ପଞ୍ଚାୟତର ବିଭିନ୍ନ ବାଲିଘାଟରେ ୧୪୪ ଧାରା ଜାରି କରିଥିଲେ। ନିର୍ଦ୍ଦେଶ ଅନୁସାରେ ଆନନ୍ଦପୁର ମୌଜାର ଖାତା ନମ୍ବର ୫୪୮ର ପ୍ଲଟ ୬୩୯, ଉଡେଇପୁର ମୌଜାର ଖାତା ନମ୍ବର ୪୮୧/୪୭୯ର ପ୍ଲଟ ନମ୍ବର ୭୧୬, ୬୯୨, ୧୩୯୭ ଉପରେ ୧୪୪ ଧାରା ଜାରି କରାଯାଇଥିଲା। ଏହି ନିର୍ଦ୍ଦେଶ ଆସିବା ପରେ ଧାମନଗର ତହସିଲ ପକ୍ଷରୁ ତହସିଲ ସୁପରଭାଇଜର ଧନେଶ୍ୱର ମାରାଣ୍ଡି ଓ ସୋଧ ରାଜସ୍ୱ ନିରୀକ୍ଷକ ବୁଲବୁଲ୍ ସିଂ ଆସି ନଦୀଘାଟ ଗୁଡ଼ିକରୁ ସଂଯୋଗ କରୁଥିବା ଗଡ଼ା ରେ ନାଲି ପତାକା ଲଗାଇ ଦେଇଗଲେ। ଯେଉଁ ସବୁ ପ୍ଲଟରେ ନାଲି ପତାକା ପୋତା ହେଲା। ତାପର ଦିନ ଠାରୁ ପୁଣି ବାଲି ଉଠାଗଲା। ଆନନ୍ଦପୁର ପଞ୍ଚାୟତ ଅଧୀନ ମାନଲାପୁର ଗାଁର ପ୍ଲଟ ନମ୍ବର ୩୨୩, ୩୨୨ ଓ ୩୨୧ ଉପରେ ନୂଆ ଗଡ଼ା କରି ବୈତରଣୀରୁ ବାଲି ଚୋରି ହେଉଛି। ଠିକ୍ ସେମିତି ଆନନ୍ଦପୁର ମୌଜାର ୧୧୪୩ ପ୍ଲଟରେ ହୋଇଥିବା ଗଡ଼ାରେ ବାଲି ଉଠା ଯାଉଛି। ୨୦୨୧ ମସିହାର ଉଡେଇପୁର-୧ ନାଁରେ ଏକ ବାଲି ଘାଟ ଥିବା ବେଳେ ମଝିରେ କିଛିଦିନ ଘାଟ ବନ୍ଦ ହୋଇଥିବା ବେଳେ ଏବେ ସେହି ଘାଟରୁ ବାଲି ଉଠାଯାଉଛନ୍ତି। ଧାମନଗର ତହସିଲଦାର ଦୀପକ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆମ ପାଖରେ କର୍ମଚାରୀଙ୍କ ଅଭାବ। କ୍ଷେତ୍ରୀୟ କର୍ମଚାରୀମାନେ ନିର୍ବାଚନ ପାଇଁ ଟ୍ରେନିଂରେ ଯାଇଛନ୍ତି। ଏଣୁ ସବୁବେଳେ ଚଢ଼ଉ କରିବା ସମ୍ଭବ ହେଉନାହିଁ। ତଥାପି ଯେତେବେଳେ ସୁଯୋଗ ମିଳୁଛି ବେଆଇନ ବାଲି ଚାଲାଣ ରୋକିବା ଲାଗି ପଦକ୍ଷେପ ନିଆଯାଉଛି। ତାଛଡ଼ା ବାଲିଘାଟ ପରିଚାଳନା ଦାୟିତ୍ୱ ଖଣିବିଭାଗ ଅଧୀନରେ ରହିଥିବାରୁ ସେମାନେ ଏନେଇ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବିକରା ଯାଇଛି।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ମହିଳା ଦିବସ ପାଳିତ




**ଭଦ୍ରକ, ୧୨।୩(ସମିସ):** ଆଦାନି ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ କୁଆମରାସ୍ଥିତ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ରଠାରେ ୪୯ତମ ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବାବା ଧବଳେଶ୍ୱର ପଞ୍ଚାୟତ ମହିଳା ମହାସଂଘର ମୁଖ୍ୟ କମଳା ମିଶ୍ର, କରଣପଲ୍ଲୀ ପଞ୍ଚାୟତର ସରପଞ୍ଚ ଆଶାଲତା ଦାସ, ସାବିତ୍ରୀ ବିଶ୍ୱାଳ, ଧାମରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡ. ଯଶସ୍ୱିନୀ ମିଶ୍ର ଏବଂ ଆଦାନୀ ଫାଉଣ୍ଡେସନର କର୍ମଚାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ବିକାଶକୁ ତ୍ୱରାନ୍ୱିତ କରିବାରେ ମହିଳାଙ୍କ ଉପରେ ନିବେଶ' ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସର ବିଷୟବସ୍ତୁ ଥିବାବେଳେ ଉପସ୍ଥିତ ଅତିଥିମାନେ ଏହା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ଉତ୍ପାଦକ ଗୋଷ୍ଠୀ ଆଦି ଆଲୋଚନାରେ ଭାଗ ନେଇଥିଲେ। ଏହି ସଭାରେ ଧାମରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଆଶାକର୍ମୀ, ଆଦାନୀ ଫାଉଣ୍ଡେସନର ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଆଦାନୀ ଧାମରା ପୋର୍ଟ ପାର୍ଶ୍ୱବର୍ତ୍ତୀ ୯ଟି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ରରୁ ତାଲିମ ପାଇ ସ୍ୱାବଲମ୍ବୀ ହୋଇଥିବା ୫୦ରୁ ଉର୍ଦ୍ଧ୍ୱ ପୂର୍ବତନ ଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଦାନୀ ଫାଉଣ୍ଡେସନର ପ୍ରକଳ୍ପ ଅଧିକାରୀ ପ୍ରଭାତ ସାହୁ ଓ ସୁଶାନ୍ତ ପାଲ ପରିଚାଳନା କରିଥିଲେ।

# ତପନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଧାମନଗର, ୧୨।୩(ସମିସ):** ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ଅଧୀନସ୍ଥ ଇଛଦା ବାବା ତପନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ମହା ଶିବରାତ୍ରି ଉପଲକ୍ଷେ ତପନେଶ୍ୱର ପୂଜା କମିଟି ଆନୁକୂଲ୍ୟରେ ଗତ ୪ ଦିନ ଧରି ଚାଲିଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ପାଳିତ ହୋଇଯାଇଛି। ବାବା ତପନେଶ୍ୱର କଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସମ୍ପାଦକ ବିରେନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ କମିଟିର ବରିଷ୍ଠ ଉପଦେଷ୍ଟା ତଥା ସଦସ୍ୟ ଆନନ୍ଦ ସ୍ୱାଇଁ, ମକର ନାୟକ, ନାରାୟଣ ତ୍ରିପାଠୀ, ପ୍ରସନ୍ନ ତ୍ରିପାଠୀ, ହୃଷୀକେଶ ଦାଶ, ରମାକାନ୍ତ ଜେନା, ଶୈଳେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ କଟକରୁ ଆସିଥିବା ପ୍ରବଚକ ପଣ୍ଡିତ ଗଦାଧର ଦାସଙ୍କ ଦ୍ୱାରା ପ୍ରବଚନ ପରିବେଷଣ କରାଯାଇଥିବା ବେଳେ ରବିବାର ସଂଧ୍ୟାରେ ମାଳିକା ପ୍ରବଚକ ପ୍ରମୋଦ କୁମାରଙ୍କ ଦ୍ୱାରା ପ୍ରବଚନ ପରିବେଷଣ ହୋଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ କୁନି କୁନି ପିଲା ମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ କୁନି କୁନି ପିଲାଙ୍କୁ କମିଟିର ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ଦାସ ଏବଂ ରମାକାନ୍ତ ଜେନା ପ୍ରମୁଖ ଟ୍ରଫି ପ୍ରଦାନ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ତପନେଶ୍ୱର ପୂଜା କମିଟି ବହୁ ବର୍ଷ ଧରି ବାବାଙ୍କ ଐତିହ୍ୟକୁ ବଜାଇ ରଖିବା ସହ ଗତ ଚାରି ଦିନ ଧରି ତପନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରତ୍ୟେକ ଦିନ ଗ୍ରାମ ତଥା ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା।

# ଅବସରପ୍ରାପ୍ତ ଯବାନଙ୍କ ସ୍ମୃତିଚାରଣ ସଭା

**ଅସୁରାଳି, ୧୨।୩(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ପଞ୍ଚାୟତର ଅବସରପ୍ରାପ୍ତ ଯବାନ ପ୍ରତାପରାମ ପଲ୍ଲେଇ (୪୫)ଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସ୍ୱର୍ଗତ ପଲେଇ ସେନାରୁ ଅବସର ନେବାର ଅଳ୍ପ ଦିନର ବ୍ୟବଧାନ ପରେ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ପରଲୋକ ଘଟିଥିଲା। ଆଜି ତାଙ୍କ ଏକାଦଶାହରେ ତାଙ୍କ ନିଜ ଗ୍ରାମ ପାଳସାହିସ୍ଥିତ ବାସଭବନ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଅବସରପ୍ରାପ୍ତ ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ନିକୁଞ୍ଜକିଶୋର ଜେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ କାଶୀନାଥ ମହାନ୍ତି, ଶିକ୍ଷାବିତ ମୁରଲୀଧର ବଳ, ଅଧ୍ୟାପକ ତ୍ରିଲୋଚନ ଦାସ, ସମାଜସେବୀ ରାମଚନ୍ଦ୍ର ପରିଡ଼ା, ରାଜେନ୍ଦ୍ର କୁମାର ପଲେଇ, ଗଦାଧର ଦାସ, ଅଜୟ କୁମାର ବେହେରା, ଅଜୟ ପାଣି ଓ ଅନିରୁଦ୍ଧ ପଲେଇଙ୍କ ସମେତ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ୍ କରିଥିଲେ।

# ଡାଲି ଜାତୀୟ ଫସଲରେ ଆଂଶିକ ସଫଳତା

**ବାରିକପୁର, ୧୨।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୃଷିବିଭାଗ ଚଳିତ ବର୍ଷ ରବି ଚାଷ ପାଇଁ ଚାଷୀ ମାନଙ୍କୁ ମୁଗ ଓ ବିରି ପ୍ରଦାନ କରିଛି। ଡାଲି ଜାତୀୟ ଫସଲ ପାଇଁ ପ୍ରତ୍ୟେକ ବର୍ଷ କୃଷି ବିଭାଗ ବିହନ ବଣ୍ଟନ କରୁଥିଲେ ସୁଦ୍ଧା ଏଦିଗରେ କିନ୍ତୁ ଆଂଶିକ ସଫଳତା ମିଳୁଛି। କେତେବେଳେ ଠିକ ସମୟରେ ବିହନ ମିଳୁନାହିଁତ ପୁଣି କେତେବେଳେ ଜଳସେଚନ ସମସ୍ୟା ଯୋଗୁ ଡାଲି ଜାତୀୟ ଫସଲର ଉତ୍ପାଦନ ହାର ହ୍ରାସ ପାଉଛି। ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ବ୍ଲକ ଅଧୀନ ୨୩ଗୋଟି ପଞ୍ଚାୟତର ୩୬୦୦ହେକ୍ଟର ଜମିରେ ମୁଗ ଚାଷ ପାଇଁ ବିହନ ଯୋଗାଯାଇଛି। ସେହିଭଳି ୧୪ଗୋଟି ପଞ୍ଚାୟତର ୧୬୦ହେକ୍ଟର ଜମିରେ ବିରି ଚାଷ ପାଇଁ ବିହନ ଯୋଗାଯାଇଛି। ବିଶେଷ କରି ରାଜେନ୍ଦ୍ରପୁର, ବନ୍ଧାଲୋ-ମଢ଼ିଆଳି, ଝିଙ୍ଗୁଣି, ନାଆମୀ, ରହଣିଆ, ମାଳଦା, ବିଷ୍ଣୁପୁର, ଷୋଳମପୁର, ନିର୍ଗୁଣ୍ଡି ପ୍ରମୁଖ ପଞ୍ଚାୟତର ଚାଷୀ ଭାଇମାନେ କିଛି ଜମିରେ ଡାଲି ଜାତୀୟ ଫସଲ କରିଛନ୍ତି। ଅନ୍ୟାନ୍ୟ ପଞ୍ଚାୟତରେ ଚାଷ ହୋଇଥିଲେ ସୁଦ୍ଧା ବିଭିନ୍ନ କାରଣ ଯୋଗୁ ଅନେକ ଜମିରେ ଡାଲି ଜାତୀୟ ଫସଲ ହୋଇପାରିନାହିଁ। ମୋଟାମୋଟି ଭାବେ ବ୍ଲକ ଅଞ୍ଚଳରେ ଆଂଶିକ ଭାବେ ଡାଲି ଜାତୀୟ ଚାଷ ହୋଇଥିବା ଜଣାପଡ଼ିଛି।

## ଅବଧି ପରେବି ସରିଲାନି ରାସ୍ତା ନିର୍ମାଣ

# ଗମନାଗମନରେ ବାଧା ସୃଷ୍ଟି କରୁଛି ଅଧପନ୍ତରିଆ ରାସ୍ତା

**ବନ୍ତ/ଆଗରପଡ଼ା, ୧୨।୩(ସମିସ)**



ଅବଧି ସରିବାର ବର୍ଷାଧିକ କାଳ ପରେ ମଧ୍ୟ ରାସ୍ତା ନିର୍ମାଣ ସରୁନଥିବାରୁ ଗମନାଗମନରେ ଘୋର ବାଧା ସୃଷ୍ଟି ହେଉଥିବା ଜଣାପଡ଼ିଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବରପଦା-କାଣ୍ଡବା ପିଡ଼ବୁଢ଼ି ରାସ୍ତା ଠାରୁ ପିଡ଼ବୁଢ଼ି ରାସ୍ତା ପାନବଦୀ ଛକ ପର୍ଯ୍ୟନ୍ତ ଲମ୍ବିଥିବା ୬.୧୦୦କି.ମି ରାସ୍ତାର ନିର୍ମାଣ ଠାରେ। କାର୍ଯ୍ୟାଦେଶର ଅବଧି ସରିବାର ୪ମାସ ପରେ ଉକ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣର କାର୍ଯ୍ୟାରମ୍ଭ ହୋଇଥିଲା ଏବଂ ପାରାବନ୍ଧ ପର୍ଯ୍ୟନ୍ତ ରାସ୍ତାକୁ ତାଡ଼ି ମେଣ୍ଟାଲ ପକାଇ ତା ଉପରେ ଚିପ୍ସଗୁଣ୍ଡ/ଡଷ୍ଟ ବିଛାଇ କାର୍ଯ୍ୟ ବନ୍ଦ ରଖିଥିଲେ ସମ୍ପୃକ୍ତ ଠିକାଦାର। ପୁନଃଶ୍ଚ ଗତ ନଭେମ୍ବର ମାସରେ ଅଧପନ୍ତରିଆ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ପାରାବନ୍ଧ ଠାରୁ ସରମରା ପର୍ଯ୍ୟନ୍ତ ରାସ୍ତାକୁ ତାଡ଼ି ମେଣ୍ଟାଲ ପକାଇ ତା' ଉପରେ ଚିପ୍ସଗୁଣ୍ଡ/ଡଷ୍ଟ ବିଛାଇବା କାର୍ଯ୍ୟ ସରିବାକୁ ୬ମାସ ବିତିବାକୁ ବସିଥିବା ବେଳେ ରାସ୍ତା ଉପରେ ପିଚ ପକାଇବା ବିଳମ୍ବ ହେଉଥିବାରୁ ବିଛାଯାଇଥିବା ମେଣ୍ଟାଲ ଗୁଡ଼ିକ ଉପରକୁ ଉଠି ଗମନାଗମନରେ ବିପଦ ସୃଷ୍ଟି କରିବା ସହ ବିଛାଯାଇଥିବା ଡ଼ଷ୍ଟ ଉପରେ ସରକାରୀ ନିୟମ ଅନୁସାରେ ପାଣି ଛିଞ୍ଚଣ କରାଯାଉନଥିବାରୁ ଏହା ଉଡିବା ସହ ଏହାର ଧୂଳିଧୂଆଁରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଯାହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସୂଚନା ଅନୁଯାୟୀ, ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୧ ଡ଼ିସେମ୍ବର ମାସ ୧ ତାରିଖରୁ ଆରମ୍ଭ ହୋଇ ୨୦୨୨ ଅକ୍ଟୋବର ୩୧ ତାରିଖରେ ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ରାସ୍ତା ସରମରା, ଗୋହିରା, ଟିଲୋ, ଦେବତାଗଡ଼ିଆ, ତୋଟାସାହି, ମଙ୍ଗୁଲି, ଓଡ଼ଙ୍ଗ, ବୋଡ଼କପାଟଣା, ବୋଡ଼କମହାଜାବୀ ଆଦି ବିଭିନ୍ନ ସ୍ଥାନକୁ ସଂଯୋଗ କରିଥିବାରୁ ଏହା ଉପରେ ନିର୍ଭର କରୁଥିବା ଉପରୋକ୍ତ ଗ୍ରାମର ବାସିନ୍ଦା ରାସ୍ତା ନିର୍ମାଣ ସରୁନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସମ୍ପୃକ୍ତ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଏହିପରି ସମସ୍ୟା ଉପୁଜୁଥିବା ଜଣାପଡ଼ିଛି। ତେଣୁ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ଏହାର ସ୍ଥାୟିତ୍ୱ ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ




**ଭଣ୍ଡାରିପୋଖରୀ, ୧୨।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମଣିନାଥପୁର ନରେନ୍ଦ୍ର କୁମାର ଉଚ୍ଚ ବିଦ୍ୟାପୀଠରେ ପ୍ରଧାନଶିକ୍ଷକମାନଙ୍କ ବ୍ଲକସ୍ତରୀୟ ଷଷ୍ଠ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ମଞ୍ଜୁଳା ନାୟକ ଉଦଘାଟନ କରିଥିଲେ। ପ୍ରଶିକ୍ଷକ ମଞ୍ଜୁରୀରୋଡ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ଯେନା ଦଶମ ପରୀକ୍ଷା ପରେ ନବମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ବେଳହୁଁ ପାଠ୍ୟ ଖସଡା ଉପଯୋଗୀ ଯୋଜନା ପ୍ରସ୍ତୁତ କରିବା, ସୁବର୍ଣ୍ଣମୁଖି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ କାଉନସେଲିଂ, ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ପ୍ରଶିକ୍ଷକ ଭାବେ ଯୋଗଦେଇ ଆଲୁମିନି କମିଟିର କାର୍ଯ୍ୟ ସମୀକ୍ଷା ସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ଶିକ୍ଷାଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷୟତ୍ରୀ କଳ୍ପନା ଧଳ, ବିଷ୍ଣୁପ୍ରିୟା ସେଠୀ, ସୁଜାତା ମଲ୍ଲିକ, ପ୍ରଧାନଶିକ୍ଷକ ଜୟ ସିଂ ସର୍ଦ୍ଦାର, ସୁଦର୍ଶନ ସେଠୀ, ରଜନୀକାନ୍ତ ମଲ୍ଲିକ, ଗଙ୍ଗାଧର ପତି, ଦେବଦତ୍ତ ମେଲା, ଦେବେନ୍ଦ୍ର କୁମାର ଜେନା, ଦେବେନ୍ଦ୍ର କୁମାର ସାହୁ, ମଧୁସୂଦନ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ମୋଟ ୩୧ଜଣ ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ପ୍ରଧାନଶିକ୍ଷୟତ୍ରୀ ତଟିନୀ ସେଠୀ ଧନ୍ୟବାଦ ଦେଇଥିଲେ।

